Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଲବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

Vol - 21 ✦ Issue No:314 ✦ 14 March 2026 (Saturday) ✦ Rourkela ✦ Rs.2.00 ✦ Page -1 ✦ ୨୧ ବର୍ଷ ✦ ସଂଖ୍ୟା:୩୧୪ ✦ ୧୪ ମାର୍ଚ୍ଚ ୨୦୨୬ (ଶନିବାର) ✦ ରାଉରକେଲା ✦ ମୂଲ୍ୟ:ଟ.୨.୦୦ ✦ ପୃଷ୍ଠା-୬

ଆତ୍ମସମର୍ପଣ କରିବ ତେହେରାନ ବୋଲି ଟ୍ରମ୍ପଙ୍କ ଦାବି

ୱାଶିଂଟନ/ତେହେରାନ,୧୩/୩: ପଶ୍ଚିମ ଏସିଆରେ ଯୁଦ୍ଧ ଏବେ ଏକ ଭୟଙ୍କର ମୋଡ଼ରେ ପହଞ୍ଚିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜି-୭ ସଦସ୍ୟ ଦେଶଗୁଡ଼ିକୁ ସୂଚନା ଦେଇଛନ୍ତି ଯେ, ଇରାନ ଖୁବଶୀଘ୍ର ଆତ୍ମସମର୍ପଣ କରିବାକୁ ଯାଉଛି। ଏକ୍ସିଓସ ରିପୋର୍ଟ ଅନୁଯାୟୀ, ଏକ ଫୋନ କଲ୍ ଜରିଆରେ ଟ୍ରମ୍ପ ନିଜର ଆତ୍ମବିଶ୍ୱାସ ପ୍ରକଟ କରି କହିଛନ୍ତି ଯେ ଇରାନର ସାମରିକ ଶକ୍ତି ପ୍ରାୟତଃ ଶେଷ ହୋଇଯାଇଛି। ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ''ଟ୍ରୁଥ୍ ସୋସିଆଲ''ରେ ଏକ ପୋଷ୍ଟ କରି

ପାଲଟା ଜବାବରେ ଇରାନର "ଅପରେସନ୍ ଟ୍ରୁ ପ୍ରମିଜ୍-୪''

ଟ୍ରମ୍ପ ଇରାନକୁ କଠୋର ଚେତାବନୀ ଦେଇଛନ୍ତି। ସେ ଲେଖିଛନ୍ତି, 'ଆମେ ଇରାନର ଶାସନକୁ ସାମରିକ ଓ ଆର୍ଥିକ ସବୁ ସ୍ତରରେ ଧ୍ୱଂସ କରିଦେଇଛୁ। ସେମାନଙ୍କ ନୌସେନା ଓ ବାୟୁସେନା ଏବେ ଅସ୍ତିତ୍ୱହୀନ। ସେମାନଙ୍କ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ନଷ୍ଟ ହୋଇଯାଇଛି।' ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ସେ ଦୀର୍ଘ ୪୭ ବର୍ଷର ଆତଙ୍କବାଦୀ କାର୍ଯ୍ୟକଳାପର ଅନ୍ତ ଘଟାଉଛନ୍ତି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଟ୍ରମ୍ପଙ୍କ ଦାବିର କିଛି ସମୟ ପୂର୍ବରୁ ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତାବା ଖେମିନି ନିଜ ଦେଶର ନାଗରିକଙ୍କୁ ଆମେରିକା ଓ ଇସ୍ରାଏଲ ବିରୁଦ୍ଧରେ ଲଢ଼ିବାକୁ ଆହ୍ୱାନ ଦେଇଛନ୍ତି। ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡସ୍ କର୍ପସ୍ (ଆଇଆରଜିସି) ପକ୍ଷରୁ ''ଅପରେସନ୍ ଟ୍ରୁ ପ୍ରମିଜ୍-୪''ର ୪୪ତମ ପର୍ଯ୍ୟାୟ ଆରମ୍ଭ କରାଯାଇଛି। ଇରାନ ଏହି ଅଭିଯାନରେ ଏକ ଟନ୍‌ଓଜନର ଯୁଦ୍ଧାସ୍ତ୍ର ବହନ କରିପାରୁଥିବା କ୍ଷେପଣାସ୍ତ୍ର ମାଡ଼ କରିଛି। ଇସ୍ରାଏଲର ସାମରିକ ଘାଟି, ତେଲ ଅଭିଭ, ଏଲାତ ଓ ପଶ୍ଚିମ ଏସିଆରେ ଥିବା ଆମେରିକୀୟ ଘାଟିକୁ ଇରାନ ଟାର୍ଗେଟ କରିଛି। ହର୍ମୁଜ ପ୍ରଣାଳୀରେ ସଙ୍କଟ: ଚିନ୍ତାରେ ଆମେରିକା ସିଏନଏନର ଏକ ରିପୋର୍ଟ ଅନୁଯାୟୀ, ଇରାନ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ''ହର୍ମୁଜ ପ୍ରଣାଳୀ'' ବନ୍ଦ କରିବାର ସମ୍ଭାବନାକୁ ଟ୍ରମ୍ପ ପ୍ରଶାସନ ହେୟଜ୍ଞାନ କରିଥିଲା। ଯଦିଓ ପେଣ୍ଟାଗନ ଏପରି ପରିସ୍ଥିତି ପାଇଁ ଯୋଜନା କରିଥିଲା, କିନ୍ତୁ ଯୁଦ୍ଧ ଏତେ ଦିନ ଧରି ଚାଲିବ ଏବଂ ଏହାର ଆର୍ଥିକ ବୋଝ ଏତେ ହେବ, ତାହା ପ୍ରଶାସନ ଆକଳନ କରିନଥିଲା। ଯୁଦ୍ଧ ଆଜି ୧୩ ତମ ଦିନରେ ପ୍ରବେଶ କରିଥିଲେ ହେଁ, କୌଣସି ପକ୍ଷ ପଛଘୁଞ୍ଚା ଦେବାକୁ ପ୍ରସ୍ତୁତ ନାହାନ୍ତି। ସାରା ବିଶ୍ୱ ଏବେ ଏହି ସଂଘର୍ଷର ପରିଣାମକୁ ନେଇ ଆଶଙ୍କାରେ ରହିଛି।

ଭାରତୀୟ ହାଣ୍ଡିଶାଳରେ ମଧ୍ୟପ୍ରାଚ୍ୟ ନିଆଁ:

ହୋଟେଲ-ଢାବାରେ ତାଲା, ସ୍ୱିଗି-ଜୋମାଟୋରେ ଅର୍ଡର କ୍ୟାନସଲ୍

ନୂଆଦିଲ୍ଲୀ,୧୩/୩: ମଧ୍ୟପ୍ରାଚ୍ୟ ଯୁଦ୍ଧର ମହଙ୍ଗା ମାଡ଼। ହାଣ୍ଡିଶାଳରେ ଯୁଦ୍ଧ ଯନ୍ତ୍ରଣା। ଖାଉଟିଙ୍କୁ ନୟାନ୍ତ କଲାଣି ଗ୍ୟାସ୍ ସଙ୍କଟ। ବୁକିଂ ହେବା ଆଗରୁ କ୍ୟାନସଲ୍। ଯୁଦ୍ଧ ଆଳରେ ଭୟଙ୍କର ଲୁଟ୍। ପକେଟ୍ ମାରୁଛନ୍ତି ଅସାଧୁ ବ୍ୟବସାୟୀ। ହୋଟେଲ-ଢାବାରେ ତାଲା। ସ୍ୱିଗି-ଜୋମାଟୋରେ ଅର୍ଡର କ୍ୟାନସଲ୍। ଅନଲାଇନରୁ ଉଭେଇ ଗଲାଣି କ୍ଲାଉଡ୍ କିଚେନ୍। ଯୌଥ ପରିବାର, ମେସ୍ ଛାତ୍ରଛାତ୍ରୀ ପ୍ରଭାବିତ। ଖଟିଖିଆ ମୁଲିଆଙ୍କ କଥା କିଏ ପଚାରେ। ଓଳିଏ ଖାଇଲେ ଆର ଓଳିକୁ ଭାଳେଣି। ଚିନ୍ତାରେ ଭୋଜି ଆୟୋଜକ ଓ କ୍ୟାଟେରିଂ ସଂସ୍ଥା। ଖାଦ୍ୟ ଦର ପାଇଁ ଖାଉଟି ଅସନ୍ତୁଷ୍ଟ। ମିଲ୍ ବଦଳରେ ଫ୍ରାଏଡ୍ ଖାଉଛନ୍ତି ଲୋକେ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଭାରତୀୟ ଫୁଡ୍ ଡେଲିଭରି ସେକ୍ଟରରେ ବଡ଼ ପ୍ରଭାବ ପଡ଼ିଛି। ଗ୍ୟାସ୍ ସମସ୍ୟା ଯୋଗୁଁ ଏଲପିଜି ସିଲିଣ୍ଡର ମିଳୁନି। ଢାବା-ହୋଟେଲ୍ ବନ୍ଦ ହୋଇଗଲାଣି। ଓଳିଏ ଖୋଲିଲେ ଓଳିଏ ବନ୍ଦ ରହୁଛି ଫାଷ୍ଟଫୁଡ୍ ଦୋକାନ। ସ୍ୱିଗି-ଜୋମାଟୋରେ ଆଗଭଳି ଆଉ ଆସୁନି ଅର୍ଡର। କାମ ବନ୍ଦ କରି ଦେଇଛନ୍ତି ଅଧିକାଂଶ କ୍ଲାଉଡ୍ କିଚେନ୍। ୫୦ ରୁ ୬୦ ପ୍ରତିଶତ କମିଗଲାଣି ଅନଲାଇନ୍ ଡେଲିଭରି। ଚିନ୍ତାରେ ଗିଗ୍ ୱାର୍କର୍ସ। ଦିନକୁ ୩୦ ଜାଗାରେ ଆସୁଛି ୫ ରୁ ୧୦ ଅର୍ଡର। କେମିତି କରିବେ ରୋଜଗାର କେବଳ ଡେଲିଭରି ସେକ୍ଟର ନୁହେଁ ପୁରା ଫୁଡ୍ ସପ୍ଲାଏ ଚେନ୍‌କୁ ଗ୍ୟାସ୍ ସଙ୍କଟ ଗିଳିବାକୁ ବସିଲାଣି। ହୋଟେଲ-ରେଷ୍ଟୁରାଣ୍ଟ ବନ୍ଦ ହେବା ଯୋଗୁଁ ଅନେକ ଛୋଟ ବଡ଼ ବ୍ୟବସାୟୀ ପ୍ରଭାବିତ ହେଲେଣି। କିଚେନ୍ ଷ୍ଟାଫ୍‌ଙ୍କ ଠାରୁ ନେଇ କ୍ଲାଉଡ କିଚେନ୍ କର୍ମଚାରୀ ଏବଂ ଡ୍ରାଇଭରଙ୍କ ଯାଏଁ ସମସ୍ତେ ହାତ ବାନ୍ଧି ବସିଲେଣି। ଏପରିକି ଦୈନିକ ଖର୍ଚ୍ଚ ଉଠାଇବା ମୁସ୍କିଲ ହୋଇଗଲାଣି। ଏପରିକି ଆକ୍ଟିଭିଟି କମିଯିବାରୁ ବହୁ ୱାର୍କରଙ୍କୁ ଆକାଉଣ୍ଟ ଡିଆକ୍ଟିଭେଟ୍‌ର ୱାର୍ଣ୍ଣି ବି ଆସିଲାଣି। ଖାଲି ସେତିକି ନୁହେଁ ଗ୍ୟାସ୍ ମହଙ୍ଗା ଯୋଗୁଁ ଅଧା ହୋଟେଲ ଆଇଟମ୍ କାଟି ଦେଲେଣି। ମିଲ୍ ପିଛା ୧୦ ଟଙ୍କା ବଢିଗଲାଣି। ୫ ଟଙ୍କିଆ ବରା ଏବେ ୬ ଟଙ୍କାରେ ବିକ୍ରି ହେଲାଣି। ଦୀର୍ଘ ଦିନ ଯାଏଁ ଏଲପିଜି ସଙ୍କଟ ଜାରି ରହିଲେ ହୋଟେଲ ଶିଳ୍ପ ବନ୍ଦ ହୋଇଯିବ। ଗିଗ୍ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପଡ଼ିବ। ଦେଶର ଫୁଡ୍ ସର୍ଭିସ୍ ସେକ୍ଟର ସମ୍ପୂର୍ଣ୍ଣ ଭୁଶୁଡ଼ିଯିବ। ଏହି ବ୍ୟବସାୟ ସହ ଜଡ଼ିତ ପ୍ରାୟ ଏକ କୋଟି ଲୋକ ଜୀବିକା ହରାଇବେ। ଭାରତ ପାଖରେ ଏବେ ପର୍ଯ୍ୟାପ୍ତ ପରିମାଣର ଅଶୋଧିତ ତୈଳ ମହଜୁଦ୍ ଅଛି। ତେଣୁ ଇନ୍ଧନ ଆବଶ୍ୟକତା ପାଇଁ କୌଣସି ପ୍ରକାର ଆତଙ୍କିତ ହେବା ଉଚିତ୍ ନୁହେଁ।

ରାଜ୍ୟଗୁଡିକୁ ୪୦,୦୦୦ ଲିଟର କିରାସିନି ମିଳିବ

ନୂଆଦିଲ୍ଲୀ,୧୩/୩: ଦେଶରେ ଏଲ୍‌ପିଜି ଯୋଗାଣରେ ସମସ୍ୟା ସୃଷ୍ଟି ହୋଇଥିବା ବେଳେ ସରକାର ଏହାର ବିକଳ୍ପ ଇନ୍ଧନ ସ୍ୱରୂପ ରାଜ୍ୟଗୁଡିକୁ ୪୦,୦୦୦ ଲିଟର କିରାସିନି ଯୋଗାଇ ଦେବାକୁ ନିଷ୍ପତି ନେଇଛନ୍ତି। ଗୁରୁବାର ପଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି ଯେ ଦେଶରେ ଏବେ ଏଲ୍‌ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି। କାରଣ ଲୋକେ ଏଲପିଜିର ଅଭାବ ଦେଖାଯିବାର ଆଶଙ୍କାରେ ଆବଶ୍ୟକତା ଠାରୁ ଅଧିକ ସଂଖ୍ୟକ ସିଲିଣ୍ଡର ବୁକିଂ କରୁଛନ୍ତି। ଯଦ୍ୱାରା ଏହାର ଯୋଗାଣ ବାଧାପ୍ରାପ୍ତ ହେଉଛି। ଦେଶରେ ଦୈନିକ ୫୦ଲକ୍ଷ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଯୋଗାଣ କରାଯାଉଛି। ତେବେ କୌଣସି ବିତରକଙ୍କ ପାଖରେ ଏବେ ସିଲିଣ୍ଡର ଅଭାବ ନାହିଁ। ବୁକିଂ ଅନୁଯାୟୀ ସମସ୍ତ ଗ୍ରାହକଙ୍କୁ ସିଲିଣ୍ଡର ଯୋଗାଯାଉଛି। ସେହିପରି କୌଣସି ପେଟ୍ରୋଲ ଓ ଡିଜେଲ୍ ପମ୍ପରେ ଇନ୍ଧନର ଅଭାବ ନାହିଁ। ସମସ୍ତ ପମ୍ପଗୁଡିକରେ ପର୍ଯ୍ୟାପ୍ତ ମାତ୍ରାର ଇନ୍ଧନ ଯୋଗାଇ ଦିଆଯାଉଛି। ସୁଜାତା ଶର୍ମା କହିଛନ୍ତି ଯେ ଦେଶରେ ଆବଶ୍ୟକ ହେଉଥିବା ଏଲ୍‌ପିଜିର ୬୦% ବିଦେଶରୁ ଆମଦାନୀ ହୋଇଥାଏ। ଆଉ ଏହି ଆମଦାନୀର ୯୦% ହର୍ମୁଜ ପ୍ରଣାଳୀ ଦେଇ ଆମଦାନୀ ହୋଇଥାଏ। ତେଣୁ ଏହା ଏକ କଷ୍ଟକର ପରିସ୍ଥିତି। ପରିସ୍ଥିତିକୁ ମୁକାବିଲା କରିବା ଲାଗି ସରକାର ବିକଳ୍ପ ମାଧ୍ୟମକୁ ଆପଣାଉଛନ୍ତି।

ଇରାକରେ ଫ୍ରାନ୍ସ ସେନାକୁ ଟାର୍ଗେଟ୍:

ଡ୍ରୋନ୍ ଆକ୍ରମଣରେ ଜଣେ ମୃତ, ୬ ଆହତ

ନୂଆଦିଲ୍ଲୀ,୧୩/୩: ଇରାକର ଏରବିଲ୍ ଅଚଂଳରେ ଏକ ଭୟଙ୍କର ଡ୍ରୋନ୍ ଆକ୍ରମଣ ଯୋଗୁଁ ପଶ୍ଚିମ ଏସିଆରେ ଉନ୍ନେଜନା ଚରମ ସୀମାରେ ପହଚିଂଛି । ଏହି ଆକ୍ରମଣରେ ଫ୍ରାନ୍ସର ଜଣେ ବରିଷ୍ଠ ସୈନିକ ପ୍ରାଣ ହରାଇଥିବା ବେଳେ ୬ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଏହି ଘଟଣା ପରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ସହ ଯୁଦ୍ଧ ଜାହାଜ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ପଠାଇ ଜବାବ ଦେବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଫ୍ରାନ୍ସ ସେନାର ସୂଚନା ଅନୁଯାୟୀ, ଉତର ଇରାକର ମଖମୁର ଅଚଂଳରେ ଆତଙ୍କବାଦୀଙ୍କ ବିରୋଧରେ ସ୍ଥାନୀୟ ସେନାକୁ ପ୍ରଶିକ୍ଷଣ ଦେଉଥିବା ବେଳେ ଫ୍ରାନ୍ସ ବାହିନୀ ଉପରକୁ ଏହି ଡ୍ରୋନ୍ ମାଡ଼ ହୋଇଥିଲା । ଏହି ସୈନିକମାନେ ସେଠାରେ ଆଇଏସ୍‌ଆଇଏସ୍ର ମୂଳପୋଛ ପାଇଁ ନିୟୋଜିତ ଥିଲେ । ସେହିପରି ଏହି ଆକ୍ରମଣର କିଛି ଘଣ୍ଟା ପୂର୍ବରୁ ଏକ ଇଟାଲୀୟ ବେସ୍କୁ ମଧ ଟାର୍ଗେଟ୍ କରାଯାଇଥିବା ରିପୋର୍ଟ ମିଳିଛି । ରାଷ୍ଟ୍ରପତି ମାକ୍ରୋନ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସହିଦ ସୈନିକ ଚିଫ୍ ୱାରେ[ଅଫିସର ଅରନାଉଡ୍ ଫ୍ରିୟନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେ କହିଛନ୍ତି ଯେ, ଏଭଳି ଆକ୍ରମଣ ଆଦୌ ଗ୍ରହଣୀୟ ନୁହେଁ । ଫ୍ରାନ୍ସ ସୈନ୍ୟବାହିନୀ କେବଳ ଶାନ୍ତି ପ୍ରତିଷ୍ଠା ଓ ଆତଙ୍କବାଦ ବିରୋଧରେ ଲଢ଼ିବାକୁ ସେଠାରେ ଅଛନ୍ତି । ଏହି ଆକ୍ରମଣ ପରେ ଫ୍ରାନ୍ସ ଏବେ ଆକ୍ସନ ମୋଡ୍ରେ ଅଛି । ଫ୍ରାନ୍ସ କହିଛି ଯେ, ଯୁଦ୍ଧ ଜାହାଜ ମୁତୟନ ହେବେ । ସୂଚନା ଅନୁଯାୟୀ ଫ୍ରାନ୍ସ ନିଜର ଏୟାରକ୍ରାଫ୍ଟ କ୍ୟାରିୟର ଷ୍ଟ୍ରାଇକ୍ ଗ୍ରୁପ୍ ସହିତ ପ୍ରାୟ ୧୨ଟି ନୌସେନା ଜାହାଜକୁ ଭୂମଧ୍ୟସାଗର ଏବଂ ଲୋହିତ ସାଗର (ଜରୟ ଝରବ) ଅଚଂଳରେ ମୁତୟନ କରୁଛି । ଏଥିସହ ଶତାଧିକ ଅତିରିକ୍ତ ସୈନିକଙ୍କୁ ମଧ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗତ ୩-୪ ଦିନ ମଧରେ ଇରାକ ଏବଂ ଆଖପାଖ ଅଚଂଳରେ ଆମେରିକା ଓ ତାର ସହଯୋଗୀ ଦେଶଗୁଡ଼ିକ ଉପରେ ଆକ୍ରମଣ ବୃଦ୍ଧି ପାଇଛି ।

ଗ୍ୟାସ୍ ଅଭାବକୁ ନେଇ କେନ୍ଦୁଝରରେ ରାସ୍ତାରୋକ:

ହୋମ୍ ଡେଲିଭରିରେ ଅନିୟମିତତା ଅଭିଯୋଗ

କେନ୍ଦୁଝର, ୧୩।୩ (ନି/ପ୍ର): ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଗ୍ୟାସ୍‌ର ଅଭାବକୁ ନେଇ ଶୁକ୍ରବାର କେନ୍ଦୁଝର ସହର ଧାଙ୍ଗଡ ପଡ଼ାରେ ଲୋକେ ରାସ୍ତାରୋକୋ କରିଛନ୍ତି । ବୁକିଙ୍ଗ୍ କରି ଦୀର୍ଘ ଦିନ ଧରି ଗ୍ୟାସ ମିଳୁ ନ ଥିବା ଏବଂ ହୋମ ଡେଲିଭରି ଠିକ୍ ଭାବରେ ହେଉ ନ ଥିବାରୁ ଦେଖାଦେଉଥିବା ଅଭାବକୁ ନେଇ ଅସନ୍ତୋଷ ଲାଗି ରହିଥିଲା । ଯୁଦ୍ଧ ସରୁ ନ ଥିବାରୁ ଗ୍ୟାସ୍ ମିଳିବ ନାହିଁ ବୋଲି ଲୋକଙ୍କ ମଧ୍ୟରେ ସନ୍ଦେହ ।ଏଣୁ ଗ୍ୟାସ୍ ମିଳିବାରେ ବହୁ ବିଳମ୍ବ ହେଉଥିବାରୁ ଲୋକଙ୍କ ମଧ୍ୟରେ ଦେଖାଦେଉଥିବା ପୁଞ୍ଜିଭୂତ ଅସନ୍ତୋଷ ଆଜି ଉଗ୍ର ରୂପ ନେଇଥିଲା । ଉପଭୋକ୍ତାମାନେ ଆଜି ରାସ୍ତା ଅବରୋଧ କରି ସୃଷ୍ଟି ହେଉଛି । ଏହାକୁ ନେଇ ଲୋକମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି ପ୍ରତିବାଦ ଜଣାଇଥିଲେ ।ଖବରପାଇ ଟାଉନ ଥାନା ପୁଲିସ ତୁରନ୍ତ ପହଚିଂ ଲୋକଙ୍କ ସହିତ ଆଲୋଚନା ପରେ କିଛି ସମୟ ପରେ ରାସ୍ତା ଅବରୋଧ ହଟିଥିଲା । ଆଜି ସକାଳେ ଗ୍ୟାସ୍ ପ୍ରଦାନକାରୀ ସଂସ୍ଥାର ଅଫିସ ଆଗରେ ଉପଭୋକ୍ତାମାନେ ସିଲିଣ୍ଡର ଧରି ପ୍ରତିବାଦ କରିବା ପରେ କେହି ନ ଶୁଣିବାରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ରାସ୍ତା ଅବରୋଧ କରିଥିବା ସୂଚନା ମିଳିଛି । କମ୍ ସମୟ ରାସ୍ତା ଅବରୋଧ ହୋଇଥିଲା । ପୁଲିସ ପହଚିଂ ବୁଝାସୁଝା କରିବା ପରେ ଅବରୋଧ ହଟିଥିଲା ବୋଲି ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି । ତେବେ ଗ୍ୟାସ୍ ଅଫିସରେ ଲୋକଙ୍କ ଭିଡ଼ ଲାଗିରହିଥିବାବେଳେ ଘଟଣାସ୍ଥଳରେ ପୁଲିସ ମୁତୟନ ହୋଇଛନ୍ତି ।

ଇରାନ ପ୍ରତିପକ୍ଷଙ୍କ ସହ କଥା ହେଲେ ଜୟଶଙ୍କର

ନୂଆଦିଲ୍ଲୀ,୧୩/୩: ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଭାରତରେ ଦେଖାଯାଇଥିବା ତୈଳ ସଂକଟର ସମାଧାନ ଲାଗି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ତାଙ୍କର ଇରାନ ପ୍ରତିପକ୍ଷ ଆବାସ ଆରାଗଚିଙ୍କ ସହିତ କଥାବାର୍ତ୍ତା କରିଛନ୍ତି। ସମସ୍ୟା ଆରମ୍ଭ ପରଠାରୁ ଜୟଶଙ୍କର ତାଙ୍କ ଇରାନ ପ୍ରତିପକ୍ଷଙ୍କ ସହିତ ୩ଥର କଥା ହୋଇସାରିଲେଣି। କଥାବାର୍ତ୍ତା କାଳରେ ହର୍ମୁଜ ପ୍ରଣାଳୀ ଦେଇ ଭାରତକୁ କିପରି ସୁରକ୍ଷିତ ତୈଳ ଯୋଗାଣ ହୋଇପାରିବ ସେ ବାବଦରେ ଜୟଶଙ୍କର ଆଲୋଚନା କରିଛନ୍ତି। ତୈଳ ପରିବହନ କରୁଥିବାର ଭାରତୀୟ ଜାହାଜଗୁଡିକ ହର୍ମୁଜ ପ୍ରଣାଳୀ ଦେଇ କିପରି ସୁରକ୍ଷିତ ଯାତ୍ରା କରିବେ ସେ ସମ୍ପର୍କରେ ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି।

ପଶ୍ଚିମବଙ୍ଗର ରାଜ୍ୟପାଳ ଭାବରେ ଆରଏନ ରବିଙ୍କ ଶପଥ ଗ୍ରହଣ

କୋଲକାତା,୧୩/୩: ପଶ୍ଚିମବଙ୍ଗର ନବନିଯୁକ୍ତ ରାଜ୍ୟପାଳ ଆରଏନ ରବି ଗୁରୁବାର ଲୋକଭବନରେ ପଦ ଏବଂ ଗୋପନୀୟତାର ଶପଥ ଗ୍ରହଣ କରିଛନ୍ତି। କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ସୁଜୟ ପାଲ ତାଙ୍କୁ ଶପଥ ପାଠ କରାଇଥିଲେ। ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ମୁଖ୍ୟ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀ, ବିଧାନସଭା ବାଚସ୍ପତି ବିମାନ ବାନାର୍ଜୀ ଏବଂ ବାମ ମୋର୍ଚ୍ଚା ଅଧକ୍ଷ ବିମାନ ବୋଷଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ୟୁଏଇ, ବାହାରିନ ଓ ସାଉଦି ଆରବ ଉପରେ ଇରାନର ଜୋରଦାର ଆକ୍ରମଣ

ଦୁବାଇ,୧୩/୩: ଇରାନ ପକ୍ଷରୁ ଶୁକ୍ରବାର ମଧ ପ୍ରାଚ୍ୟ ଦେଶମାନଙ୍କ ଉପରେ ଆକ୍ରମଣ ଜାରି ରହିଛି। ଇରାନର ଡ୍ରୋନ୍ ଆକ୍ରମଣର ଦିନକ ପରେ ଶୁକ୍ରବାର କେନ୍ଦ୍ରୀୟ ଦୁବାଇରେ ବିସ୍ଫୋରଣ ହେବା ଓ ଧୂଆଁ ଉଠିବାର ଦେଖାଯାଇଛି। ଆକାଶ ମାର୍ଗରୁ ଆକ୍ରମଣକୁ ସଫଳତାର ସହ ପ୍ରତିହତ କରାଯାଇଥିଲା ବୋଲି ଦୁବାଇ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଆକ୍ରମଣ ଯୋଗୁ ଏକ କୋଠା କ୍ଷତିଗ୍ରସ୍ତ ହୋଇଛି। ତେବେ ଆକ୍ରମଣରେ କ୍ଷେପଣାସ୍ତ୍ର ନା ଡ୍ରୋନ୍ ବ୍ୟବହାର ହୋଇଥିଲା କୁହାଯାଇନି। ସଂଯୁକ୍ତ ଆରବ ଏମିରେଟ୍ସରେ ଥିବା ଆମେରିକାର ପ୍ରତିଷ୍ଠାନ ଉପରେ ଗୁରୁବାର ୧୦ ବାଲିଷ୍ଟକ କ୍ଷେପଣାସ୍ତ୍ର ଓ ୨୬ଟି ଡ୍ରୋନ୍ ଦ୍ୱାରା ଆକ୍ରମଣ କରିଥିଲା। ଡ୍ରୋନ୍ ଦୁବାଇର ଅଲ ବଦାଦ ଅଚଂଳ ଓ ଶେଖ ଜାୟେଦ ରୋଡରେ ଥିବା ଏକ କୋଠା ଉପରେ ପଡ଼ିଥିଲା। ଅନ୍ୟପକ୍ଷରେ ଶୁକ୍ରବାର ବାହାରିନରେ ବିମାନ ଆକ୍ରମଣ ସାଇରନ୍ ବାଜିଥିଲା। ବାହାରିନ୍‌ର ତୈଳ ଟାଙ୍କି ଉପରେ ଇରାନ ଡ୍ରୋନରେ ଆକ୍ରମଣ ପରେ ବଡ଼ଧରଣର ଅଗ୍ନିକାଣ୍ଡ ଦେଖିବାକୁ ମିଳିଥିଲା। ବାହାରିନର ବିଭିନ୍ନ ଅଚଂଳରେ ସାଇରନ ବାଜିଥିବାବେଳେ ଗୃହ ମନ୍ତ୍ରଣାଳୟ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ କହିଥିଲେ। ଲେବାନନ୍ ଉପରେ ଇସ୍ରାଏଲର ଆକାଶମାର୍ଗରୁ ଆକ୍ରମଣକୁ କତର ଶୁକ୍ରବାର ତୀବ୍ର ନିନ୍ଦା କରିଛି। ଏହି ଆକ୍ରମଣରେ ୫ ଶିଶୁ ସମେତ ୧୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଦକ୍ଷିଣ ଲେବାନନ୍‌ର ଏକ ଗାଁ ଉପରେ ଆକ୍ରମଣରେ ୯ ଜଣଙ୍କର ମୃତ୍ୟୁ ହୋଇଥିଲା। ଦକ୍ଷିଣ ଲେବାନନ୍ ଅନ୍ୟ ଦୁଇ ସହର ଉପରେ ଆକ୍ରମଣରେ ୬ ଜଣଙ୍କର ମୃତ୍ୟୁ ହୋଇଥିଲା।

ପୁଣି ଚରମ ସୀମାରେ ଉତ୍ତେଜନା:

ଆଫଗାନିସ୍ତାନ ଉପରେ ପାକିସ୍ତାନର ଜୋରଦାର ଆକ୍ରମଣ, ଅନେକ ମୃତାହତ

କାବୁଲ,୧୩/୩: ଆଫଗାନିସ୍ତାନ ଏବଂ ପାକିସ୍ତାନ ମଧ୍ୟରେ ପୁଣି ଥରେ ଉତ୍ତେଜନା ଚରମ ସୀମାରେ ପହଚିଂଛି। ଆଫଗାନିସ୍ତାନ ଦାବି କରିଛି ଯେ ପାକିସ୍ତାନ ସେନା ଏହାର ଅନେକ ଅଚଂଳ ଉପରେ ଆକ୍ରମଣ କରିଛି, ଯେଉଁଥିରେ କେତେକ ଘର ନଷ୍ଟ ହୋଇଥିବାବେଳେ ମହିଳା ଓ ଶିଶୁଙ୍କ ସମେତ ଅନେକଙ୍କର ମୃତ୍ୟୁ ହୋଇଛି। ପାକିସ୍ତାନ ଆଫଗାନିସ୍ତାନର ସାର୍ବଭୌମତ୍ୱ ଉପରେ ଆକ୍ରମଣ କରି କାବୁଲ, କନ୍ଧାହାର, ପକ୍ତିଆ ସମେତ ଦେଶର ଅନେକ ସ୍ଥାନରେ ଆକାଶ ମାର୍ଗରୁ ଭୀଷଣ ଆକ୍ରମଣ କରିଛି। ପାକିସ୍ତାନ ବାୟୁସେନା ବିମାନ କନ୍ଧାହାର ବିମାନବନ୍ଦର ନିକଟରେ ଥିବା ଏହାର ଘରୋଇ ଏୟାରଲାଇନ୍ସ 'କାମ ଏୟର'ର ତୈଳ ଡିପୋ ଉପରେ ଆକ୍ରମଣ କରିଛି। ଏହି କମ୍ପାନି ବେସାମରିକ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଏବଂ ଜାତିସଂଘର ବିମାନକୁ ଇନ୍ଧନ ଯୋଗାଣ କରେ। ଇରାନ-ଇସ୍ରାଏଲ ବିବାଦ ଯୋଗୁଁ ସାରା ବିଶ୍ୱରେ ତୈଳ ସଙ୍କଟ ଦେଖାଯାଇଥିବାବେଳେ ପାକିସ୍ତାନ ଏହି ଆକ୍ରମଣ କରିଛି। ଆଫଗାନିସ୍ତାନର ତାଲିବାନ ଅଧିକାରୀ କହିଛନ୍ତି ଯେ, ପାକିସ୍ତାନ ଆବାସିକ ଅଚଂଳକୁ ଟାର୍ଗେଟ କରୁଛି। ଏଥିରେ ଘର ନଷ୍ଟ ହେବା ସହିତ ମହିଳା ଓ ଶିଶୁଙ୍କ ସମେତ ଅନେକଙ୍କର ମୃତ୍ୟୁ ହୋଇଛି। ପାକିସ୍ତାନ କେତେକ ନିର୍ଜନ ଅଚଂଳରେ ମଧ ଆକ୍ରମଣ କରିଛି। ତାଲିବାନ ସରକାର ଏହାକୁ ଅତି କ୍ରୁର ଆକ୍ରମଣ ବୋଲି କହିଛି। ରମଜାନ ମାସର ଶେଷ ଦିନ ଓ ଇଦ୍ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ପାକିସ୍ତାନର ଏହି ଆକ୍ରମଣ ସେମାନଙ୍କ ସରକାର କୌଣସି ମାନବୀୟ ସିଦ୍ଧାନ୍ତ ଓ ନୈତିକ ମୂଲ୍ୟବୋଧକୁ ବୁଝନ୍ତି ନାହିଁ ବୋଲି ଦର୍ଶାଉଛି। ଆଫଗାନିସ୍ତାନ ଏହି ଘୃଣ୍ୟ ଓ ଆକ୍ରମଣକୁ କଠୋର ଶବ୍ଦରେ ନିନ୍ଦା କରିଛି। ଆଫଗାନିସ୍ତାନ ଏହାର କଡ଼ା ଜବାବ ଦେବ ବୋଲି ଆଫଗାନିସ୍ତାନ ପ୍ରବକ୍ତା କହିଛନ୍ତି। ଦୁଇ ପକ୍ଷ ମଧ୍ୟରେ ଗତ କିଛି ଦିନ ହେଲା ସଂଘର୍ଷ ଜାରି ରହିଛି।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

କେନ୍ଦୁଝରରେ ଶ୍ରୀଲେଦରର ନୂତନ ସୋରୁମ

କେନ୍ଦୁଝର,୧୩/୩(ନି/ପ୍ର):କେନ୍ଦୁଝର ମୁଖ୍ୟାଳୟରେ ଶ୍ରୀଲେଦର୍ସର ନୂତନ ସୋରୁମ ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ପୂର୍ବପାର୍ଶ୍ୱ ରେ ଉଦଘାଟିତ ହୋଇ ଯାଇଛି, ଶ୍ରୀଲେଦର୍ସ ବିଜନେସ ଡେଭଲପମେଂଟ ମୁଖ୍ୟ ରକି ଦେ, ଶାଖା ମୁଖ୍ୟ ବଚନ ବେହେରା, ସୁଶ୍ରୀ ସୋନାଲି ବେହେରା ଙ୍କ ଉପସ୍ଥିତି ରେ ଏହି ସୋରୁମ ଜନସାଧାରଣ ଙ୍କ ପାଇଁ ଉଦଘାଟିତ ହୋଇଥିଲା, ଜିଲ୍ଲାର ଜନସାଧାରଣ ସୁଲଭ ମୂଲ୍ୟରେ ଉନ୍ନମ ମାନ ର ସ୍କୁଲ ଜୋତା ଠାରୁ ଆରମ୍ଭ କରି ଇଟଂରଭ୍ୟୁ ଫାର୍ମାଲ, ଫେସ୍ଟିଭଲ ସ୍ୟାଣ୍ଡାଲ, କମ୍ଫୁଟର ସ୍ନିକାର, ଲାପଟପ ବ୍ୟାଗ, ଚମଡା ୱାଲେଟ, ପ୍ରଭୃତି ଦୈନିକ ବିଶେଷ ଆବଶ୍ୟକତା କୁ ଯୋଗାଇବା ଲକ୍ଷ୍ୟ ରଖିଛି,ଶ୍ରୀଲେଦର୍ଶ ପୂର୍ବ ଓ ଦକ୍ଷିଣ ଭାରତର ଝାରଖଣ୍ଡ, ବିହାର, ଓଡିଶା ର ୧୦ରୁ ଅଧିକ ଷ୍ଟୋର ସଫଳତା ର ସହିତ ପରିଚାଳନା କରୁଛି, ଏଥି ସହିତ ଅନଲାଇନ ମାଧ୍ୟମରେ ମଧ ଏହି ସବୁ ସାମଗ୍ରୀ ସୁଲଭ ମୂଲ୍ୟ ରେ ମିଳିବ ବୋଲି ଶ୍ରୀ ବଚନ ବେହେରା ପ୍ରକାଶ କରିଛନ୍ତି।

କେନ୍ଦୁଝରରୁ ବରିଷ୍ଠ ନାଗରିକମାନଙ୍କ ପୁରୀ ଅଭିମୁଖେ ତୀର୍ଥଯାତ୍ରା

କେନ୍ଦୁଝର,୧୩/୩(ନି/ପ୍ର): କେନ୍ଦୁଝର ଜିଲ୍ଲାରୁ ୨୨୨ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ 'ଶ୍ରୀ ଜଗନ୍ନାଥ ଦର୍ଶନ' ଯୋଜନାରେ ସାମିଲ ହୋଇ ପୁରୀ ଅଭିମୁଖେ ଯାତ୍ରା କରିଅଛନ୍ତି । ଜିଲ୍ଲା ସଦର ମହକୁମା ଠାରୁ ଓ.ଏସ.ଆର.ଟି.ସିର ୬ ଗୋଟି ଭୋଲଭୋ ବସ୍ ଯୋଗେ ଏହି ଯାତ୍ରାର ଶୁଭାରମ୍ଭ କରାଯାଇଥିଲା ।ଏହି ଅବସରରେ ସ୍ଥାନୀୟ ମାନ୍ୟବର ବିଧାୟକ, ଜିଲ୍ଲାପାଳଙ୍କ ପ୍ରତିନିଧି ଓ ଅନ୍ୟାନ୍ୟ ଅତିଥିମାନେ ଯୋଗଦାନ ପୂର୍ବକ ତୀର୍ଥ ଯାତ୍ରାର ଶୁଭାରମ୍ଭ କରିବା ସହିତ ଯାତ୍ରୀମାନଙ୍କୁ ଆଧାତ୍ମିକ ଦିଗଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ । ବରିଷ୍ଠ ନାଗରିକ ମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ସହାୟକ ଅଧିକାରୀମାନେ ମଧ ଗସ୍ତ କରିଛନ୍ତି ।ଯାତ୍ରା ପୂର୍ବରୁ ଆଜିସକାଳେ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସମସ୍ତ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଜିଲ୍ଲାପାଳ ବିଶାଳ ସିଂହ ଏହି ଯାତ୍ରାକୁ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ ଙ୍କ ସମେତ ବିଭାଗୀୟ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲା।

କତାରରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

ଭୁବନେଶ୍ୱର,୧୩/୩(ନି/ପ୍ର): ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ କତାର ଦେଶରେ ମୃତ୍ୟୁ ବରଣ କରିଥିବା ଓଡ଼ିଆ ଶ୍ରମିକ କୁନା ଖୁଂଟିଆଙ୍କ ମୃତ ଶରୀରକୁ ଓଡ଼ିଶାକୁ ଫେରାଇ ଅଣାଯାଇଛି। ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକର ବାସିନ୍ଦା କୁନା ଖୁଂଟିଆ ଗତ ୪ ମାସ ତଳେ କତାର ଦେଶର ଏକ ଘରୋଇ କମ୍ପାନୀ ଠାରେ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ।ବିଗତ ମାର୍ଚ୍ଚ ୬, ୨୦୨୬ ରିଖ ଦିନ ତାଙ୍କ ମୃତ୍ୟୁ ସମ୍ବନ୍ଧରେ ପରିବାର ଲୋକ ଖବର ପାଇଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, କୁନା ଖୁଂଟିଆ ନିଜ ରୁମ୍ ରେ ବିଶ୍ରାମ ନେଉଥିବା ବେଳେ ଆକସ୍ମିକ ଭାବେ ତାଙ୍କର ମୃତ୍ୟୁ ଘଟିଥିବାର ଖବର ସେମାନେ ଜାଣିବାକୁ ପାଇଥିଲେ। ଏହାପରେ କୁନା ଖୁଂଟିଆଙ୍କ ମୃତ ଶରୀରକୁ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ପରିବାର ଲୋକ ଓଡ଼ିଶା ସରକାରଙ୍କ ପାଖରେ ନିବେଦନ କରିଥିଲେ।

ଆମେ ଆଦିବାସୀ ଆମ ପ୍ରତି ବି ନଜର ପଡୁ: ଦଣ୍ଡକାରଣ୍ୟ ବିକାଶ ମଂଚର ସତ୍ୟାଗ୍ରହ

ମାଲକାନଗିରି,୧୩/୩(ନି/ପ୍ର): ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ଆଂଚଳିକ ବୈଷମ୍ୟ ବିରୋଧରେ ଏବଂ ବିକାଶର ବିକେନ୍ଦ୍ରୀକରଣ ଦାବିନେଇ ଦଣ୍ଡକାରଣ୍ୟ ବିକାଶ ମହାମଂଚ ପକ୍ଷରୁ ମଂଚର ଆବାହକ ଗୌରଚନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ଆଜି ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଆୟୋଜିତ ହୋଇଯାଇଛି। 'ଆମେ ବି ଓଡ଼ିଶାବାସୀ, ଆମ ପ୍ରତି ବି ନଜର ପଡୁ' ଦାବି ସହିତ ଆନ୍ଦୋଳନକାରୀମାନେ ଅବିଭକ୍ତ କୋରାପୁଟ ଅଂଚଳ ପ୍ରତି କରାଯାଉଥିବା ବୈମାତୃକ ମନୋଭାବ ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ମାଲକାନଗିରି ଜିଲ୍ଲା ରାଜ୍ୟର ସବୁଠାରୁ ପଛୁଆ ଓ ଦରିଦ୍ର ଜିଲ୍ଲା ହୋଇଥିଲେ ମଧ ସ୍ୱାଧୀନତାର ୭୮ ବର୍ଷ ପରେ ମଧ ଏଠାରେ ରେଳ ସଂଯୋଗ,ଉନ୍ନତ ସ୍ୱାସ୍ଥ୍ୟ ସେବା,ଉଚ୍ଚ ଶିକ୍ଷା ସୁବିଧା ଓ ଶିଳ୍ପ କ୍ଷେତ୍ରରେ ଉନ୍ନତି ଦେଖିବାକୁ ମିଳିନାହିଁ। ୧୯୭୯ ମସିହାରେ ସ୍ଥାପିତ ମାଲକାନଗିରି ମହାବିଦ୍ୟାଳୟ ଏପର୍ଯ୍ୟନ୍ତ ସରକାରୀ ମାନ୍ୟତା ପାଇନଥିବାକୁ ମଂଚ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି। ମାଲକାନଗିରି ଜିଲ୍ଲା ପାଇଁ ପୋଲାଭରମ ଜଳସେଚନ ପ୍ରକଳ୍ପକୁ ନେଇ ମଧ ଗଭୀର ଚିନ୍ତା ପ୍ରକାଶ ପାଇଛି। ଏହି ପ୍ରକଳ୍ପରେ ୨୩୬ଟି ଗ୍ରାମ ଓ ପ୍ରାୟ ୧୦ ହଜାର ହେକ୍ଟର ଜଙ୍ଗଲ ଜଳମଗ୍ନ ହେବା ସହ ଜିଲ୍ଲାର ସାମାଜିକ ଓ ଅର୍ଥନୈତିକ ଭିତିଭୂମି ପ୍ରଭାବିତ ହେବାର ଆଶଙ୍କା ଉଠାଯାଇଛି। ଶ୍ରୀ ତ୍ରିପାଠୀ କହିଥିଲେ ଯେ ଦୀର୍ଘବର୍ଷ ଧରି ଅବହେଳିତ ଏହି ଅଂଚଳବାସୀ ନିଜ ରାଜ୍ୟରେ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବରେ ଅନୁଭବ କରୁଛନ୍ତି ଏବଂ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସଠିକ୍ ରାଜନୈତିକ ପ୍ରତିନିଧିତ୍ୱର ଅଭାବ ଏବଂ ପ୍ରଭାବଶାଳୀ ନେତୃତ୍ୱ ନ ଥିବାରୁ ଏହି ଅଂଚଳ ବିକାଶରୁ ବଚିଂତ ହେଉଛନ୍ତି। ଏହି ଆନ୍ଦୋଳନରେ ମଂଚର ବରିଷ୍ଠ ସଦସ୍ୟ ସର୍ବଶ୍ରୀ ଶଶୀଭୂଷଣ ପଟ୍ଟନାୟକ,ଧୀରେନ ପଟ୍ଟନାୟକ, ଗୁପ୍ତେଶ୍ୱର ପାଣିଗ୍ରାହୀ,କୃଷ୍ଣ କେଶବ ଷଡଙ୍ଗୀ, ମନୋଜ କୁମର ପାତ୍ର,ବିଜୟ କୁମାର ପତ୍ର,ଘେନୁ ମୁଦୁଲିଙ୍କ ସମେତ ଅବିଭକ୍ତ କୋରାପୁଟ ଅଂଚଳର ବିଭିନ୍ନ ସ୍ଥାନରୁ ଆସିଥିବା ସାଧାରଣ ନାଗରିକ ଓ ସାମାଜିକ କର୍ମୀମାନେ ଯୋଗଦେଇଥିଲେ।

ବନବିଭାଗ ପକ୍ଷରୁ ମୃତକଙ୍କୁ କ୍ଷତିପୂରଣ ପ୍ରଦାନ

କେନ୍ଦୁଝର,୧୩/୩(ନି/ପ୍ର): ଗୋଠଛଡ଼ା ଦନା ହାତୀର ଆକ୍ରମଣରେ ଗତ ୭ ତାରିଖରେ ଟଭାସରୁଆ ଗ୍ରାମର ଯୁକ୍ତ ଦୁଇ ଛାତ୍ର ବେଣୁଧର ନାୟକ (୧୭) ଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ପାଟଣା ବନବିଭାଗ ପକ୍ଷରୁ ମୃତକଙ୍କ ପିତା ଧ୍ରୁବଚରଣ ନାୟକଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ସରକାରୀ ନିୟମ ଅନୁଯାୟୀ ମୋଟ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ମଧ୍ୟରୁ ୧୦ ପ୍ରତିଶତ ଅର୍ଥାତ୍ ୧ ଲକ୍ଷ ଟଙ୍କା ଶୁଦ୍ଧିକ୍ରିୟା ପାଇଁ ଅଗ୍ରୀମ ଭାବେ ପ୍ରଦାନ କରାଯାଇଥିଲା। ବନବିଭାଗ ପକ୍ଷରୁ ଏହାର ଏକ ପ୍ରତୀକ ଚେକ ମୃତକଙ୍କ ପରିବାରକୁ କରାଯାଇଥିଲା। ଏହି ଅବସରରେ ସାହାରପଡା ବ୍ଲକ ଅଧକ୍ଷା ରୀନା ନାୟକ, ବଡ଼ବିଲ ସରପଂଚ ସୁଭଦ୍ରା ନାୟକ, ପାଟଣା ବନାଂଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର, ପାଟଣା ବନପାଳ ନିରଞ୍ଜନ ସେଠୀ, ସାହାରପଡା ବନପାଳ ଶ୍ରୀମନୁ ବେହେରା, ବନରକ୍ଷୀ ଦୀପକ ରଣା ଓ ସାଂସଦ ପ୍ରତିନିଧି ଯୁଧିଷ୍ଠିର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ମୃତକଙ୍କ ପରିବାରକୁ ସାନ୍ତ୍ୱନା ଓ ସମବେଦନା ଜଣାଇଥିଲେ। ଅବଶିଷ୍ଟ କ୍ଷତିପୂରଣ ରାଶି ଶୀଘ୍ର ଧ୍ରୁବଚରଣ ନାୟକଙ୍କ ବ୍ୟାଙ୍କ ଖାତାକୁ ଜମା କରାଯିବ ବୋଲି ପାଟଣା ବନାଂଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର ସୂଚନା ଦେଇଛନ୍ତି।

ଟ୍ରକକୁ ଧକ୍କା ଦେଲା ବାଇକ ବାପା ସହ ପୁଅର ମୃତ୍ୟୁ

ବାଂଶପାଳ,୧୩/୩(ନି/ପ୍ର): କେନ୍ଦୁଝରଜିଲ୍ଲା ସଦର ଥାନା ଶୁଆକାଟି ଫାଣ୍ଡି ତେନ୍ତୁଳିଠାରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଟ୍ରକକୁ ବାଇକ ଧକ୍କା ଦେଇଥିବାବେଳେ ଘଟଣାସ୍ଥଳରେ ବାପ ଓ ୩ ବର୍ଷର ଶିଶୁ ପୁତ୍ରଙ୍କର ମୃତ୍ୟୁ ହୋଇଯାଇଛି । ଏହି ଦୁର୍ଘଟଣାରେ ସ୍ତ୍ରୀ ଗୁରୁତର ହୋଇପଡିଥିବାବେଳେ ମୃତକ ସ୍ଥାନୀୟ ତେନ୍ତୁଳି ବଜାରର ଏମ ଡି ନୂର୍ (ସୋନୁ) ବୋଲି ଜଣାପଡିଛି । ମିଳିଥିବା ସୂଚନା କ୍ରମେ ଆଜି ଶୁଆକାଟିରୁ ଦେବଗଡକୁ ସମ୍ପର୍କୀୟଙ୍କ ଘରକୁ ଯାଉଥିବାବେଳେ ତେନ୍ତୁଳିଠାରେ ଏକ ଟ୍ରକ ପଛରେ ବାଇକ ପିଟି ହେବାରୁ ଘଟଣାସ୍ଥଳରେ ଏମ ଡି ନୁର ଓ ତାଙ୍କ ୩ ବର୍ଷର ଶିଶୁ ପୁତ୍ରର ମୃତ୍ୟୁ ଘଟିଛି। ଗୁରୁତର ସ୍ତ୍ରୀକୁ ପୁଲିସ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ମେଡ଼ିକାଲରେ ଭର୍ତ୍ତି କରିଛି। ଦୁର୍ଘଟଣାଗ୍ରସ୍ତ ବାଇକ ଓ ଟ୍ରକକୁ ଜବତ କରି ଶୁଆକାଟି ଫାଣ୍ଡି ପୁଲିସ ତଦନ୍ତ ଚଳାଇଛି।

ଏଡିଜି ସଞ୍ଜୀବ ପଣ୍ଡାଙ୍କ ନିକଟରେ ଅସ୍ତ୍ର ତ୍ୟାଗ କରି ଆତ୍ମସମର୍ପଣ କଲେ ୧୦ କ୍ୟାଡରର ମାଓବାଦୀ

କନ୍ଧମାଳ,୧୩/୩(ନି/ପ୍ର): ଓଡିଶକୁ, ମାଓ ମୁକ୍ତ କରିବା ନେଇ କେନ୍ଦ୍ର ସରକାରଙ୍କ ଡେଟ୍ ଲାଇନ୍ ଯେତେ ପାଖେଇ ଆସୁଛି କନ୍ଧମାଳ ଜିଲ୍ଲା ପୋଲିସ୍ ନିକଟରେ ସେତେ ଭଲ ଖବର ସବୁ ପହଂଚିବା ରେ ଲାଗିଛି। କନ୍ଧମାଳ, କଳାହାଣ୍ଡି ଓ ରାୟଗଡା ଜିଲ୍ଲାର ସୀମାନ୍ତ ଅଂଚଳରେ ମାଓ ନେତା ଶୁକ୍ରୁ ଓ ଶୀଲାର ନେତୃତ୍ୱରେ, ସମୁଦାୟ ୨୫ ଜଣ ମାଓବାଦୀଙ୍କ ଗତିବିଧି ଥିବା ନେଇ ପୋଲିସ୍ ନିକଟରେ ଖବର ଥିବା ବେଳେ ଆଜିର ଘଟଣା ପୋଲିସ ବିଭାଗ ଓ ଜବାନଙ୍କୁ ଉତ୍ସାହିତ କରିଛି। ଆଜି ରାଜ୍ୟ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ତଥା ନକ୍ସଲ ବିରୋଧୀ ଅଭିଯାନ ର ମୁଖ୍ୟ ଶ୍ରୀ ସଞ୍ଜୀବ ପଣ୍ଡାଙ୍କ ନିକଟରେ ନିଜ ନିଜର ଅସ୍ତ୍ର ତ୍ୟାଗ କରି, ଆତ୍ମସମର୍ପଣ କରିଛନ୍ତି ୧୦ ଜଣ ମାଓବାଦୀ। ସେମାନଙ୍କ ମଧ୍ୟରେ ସାନୁ ପୋଟ୍ଟମ ଓରଫ ନୀତୁ(୪୮)ଯାହାର ଘର, ଛତିଶଗଡ଼ ଗାଙ୍ଗାଲୁର ଥାନା ଅଂଚଳର କୁର୍ସେଲ ଗାଁରେ। ସେ ଗତ ୧୯୯୭ ମସିହାରେ ସଂଗଠନରେ ଯୋଗ ଦେଇ ବର୍ତ୍ତମାନ୍ କେକେବିଏନ ଡିଭିଜନ ର ରାଜ୍ୟ କମିଟି ମେମ୍ବର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଉପରେ ସରକାର ୬୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ସେହିପରି ତାଙ୍କ ସହିତ ତାଙ୍କର ପତ୍ନୀ ତଥା ସଂଗଠନର ଡିଭିଜନାଲ କମିଟି ମେମ୍ବର ଶାନ୍ତେଇ ସଲାମ ଓରଫ ଅନୁପା (୪୫) ତାଙ୍କର ଇନସାସ୍ ବନ୍ଧୁକ ସହ ଆତ୍ମ ସମର୍ପଣ କରିଛନ୍ତି। ତାଙ୍କ ଘର ମଧ ଛତିଶଗଡର ରାଜବେଡା ଗାଁ ରେ ସେ ଗତ ୧୯୯୮ ମସିହାରେ ସଂଗଠନରେ ଯୋଗ ଦେଇଥିଲେ। ତାଙ୍କ ସହିତ ଲକ୍ଷ୍ମୀ ମାଡଭି, ଓରଫ ସଙ୍ଗୀତା(୩୮), ସୁନୀଲ ତେଲାମ (୨୮),ମଞ୍ଜୁଲତା ପୁନେମ୍ ଓରଫ ସିଲ୍ପା(୨୩),ରାମବତୀ ଓୟାମ ଓରଫ ଜମୁନା (୩୦),ଗଣେଶ କୁଞ୍ଜମ୍ (୨୮), ସୁଶୀଲା ହୁଡି(୧୮),ସରିତା କୁହୁଡାମ୍(୨୫) ଓ ଛୋଡିଯୋଗୀ ଓରଫ ରଜନୀ(୨୨)ଙ୍କ ସମେତ ସମୁଦାୟ ୭ ଜଣ ମହିଳା ଓ ୩ ଜଣ ପୁରୁଷଙ୍କୁ ନେଇ ମୋଟ ୧୦ ଜଣ ମାଓବାଦ ସେଲସମାନ ଅସ୍ତ୍ରଶସ୍ତ୍ର ଓ ଗୁଳି ସମେତ ଆତ୍ମା ସମର୍ପଣ କରିଛନ୍ତି।

ଛାନିଆରୁ ଏଲପିଜି ଅଭାବ ଗ୍ୟାସ ବୁକିଙ୍ଗ ନମ୍ବର ଲାଗୁନାହିଁ ପୂର୍ବରୁ ବୁକିଂ ଥିଲେ ବିଳମ୍ବ ହେଉଛି

ଜୟପୁର,୧୩/୩(ନି/ପ୍ର): ଭରପୁର ଗ୍ୟାସ ମହଜୁଦ ଅଛି। ଯୋଗାଣ ଶୃଙ୍ଖଳ ବ୍ୟାହତ ହୋଇନି। ସରକାରଙ୍କ ଦ୍ୱାରାମାର ଏଭଳି ଆଶ୍ୱାସନା ସତ୍ତ୍ୱେ ଲୋକେ ନୋଛଡବନ୍ଧା। ଛାନିଆ ହୋଇ ଗ୍ୟାସ ଏଜେନ୍ସି ପାଖକୁ ଦୌଡୁଛନ୍ତି। ସକାଳୁ ଲମ୍ବା ଲାଇନ ଲଗାଉଛନ୍ତି। ଆବଶ୍ୟକତା ନଥାଇ ବୁକିଂ କରୁଛନ୍ତି। ଆଗକୁ ଗ୍ୟାସ ସଙ୍କଟ ଦେଖାଦେବ ଏହି ଭୟ ଆଉ ଗୁଜବ ଚାରିଆଡେ ଖେଳିଗଲାଣି। ଆଉ ଏହାର ଫଳ ଏଲପିଜିର କୃତ୍ରିମ ଅଭାବ। ଗ୍ୟାସ ଏଜେନ୍ସି ଆଗରେ ଭିଡ ଆଉ ହୋ ହାଲ୍ଲା। ଆଜି ସ୍ଥାନୀୟ ପାଣିନଳା ସାହିରେ ଥିବା ଏଚପିଗ୍ୟାସ ସେଂଟର ଓ ମାଦଳା ସାହି ଠାରେ ଥିବା ଭାରତଗ୍ୟାସ ସେଂଟରରେ ଗ୍ରାହକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ସରକାର ଗ୍ୟାସ ବୁକିଂ ଅବଧି ୨୫ ଦିନକୁ ବଢ଼ାଇବା ପରେ ବି ସ୍ଥିତି ସୁଧୁରିନି। ବରଂ ଅଧିକ ବିଗୁଡିଛି। ଗୁଜବ ଶୁଣିବା ପରେ ଲୋକେ ଖାଲି ସିଲିଣ୍ଡର ଧରି ଗ୍ୟାସ ଏଜେନ୍ସି ଓ ଡିପୋ ପାଖକୁ ଛୁଟିଥିଲେ। ସେଠାରେ ଭିଡ ଲଗାଇ ଗ୍ୟାସ ମାଗିଥିଲେ। ଯେଉଁ ଗ୍ରାହକଙ୍କ ଏବେ ଗ୍ୟାସ ଦରକାର ନାହିଁ ସେମାନେ ବି ଖାଲି ଟାଙ୍କି ନେଇ ଆଗୁଆ ଗ୍ୟାସ ମହଜୁଦ କରିବା ଲକ୍ଷରେ ଲାଇନରେ ରହିଥିଲେ। ଏଥିପାଇଁ ସବୁ ସ୍ଥାନରେ ତତକ୍ଷଣାତ ଗ୍ୟାସ ସଙ୍କଟ ସ୍ଥିତି ସୃଷ୍ଟି ହୋଇଥିଲା। ଲୋକଙ୍କ ଚାହିଦା ସୁଯୋଗରେ କିଛି ଗ୍ୟାସ ଏଜେନ୍ସି ଗ୍ୟାସର କଳାବଜାରୀ କରିବା ଆରମ୍ଭ କରିଦେଇଛନ୍ତି। ସରକାର ଗୋଟିଏ ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି କରିଥିବା ବେଳେ ଜୟପୁର ସହରରେ କିଛି କଳା ବ୍ୟବସାୟୀ ୨ଶହରୁ ୪ଶହ ଟଙ୍କା ବୃଦ୍ଧି କରି ବିକ୍ରି କରୁଛନ୍ତି। ଏପରିକି ସୁଧାକର ଗ୍ୟାସ ଏଜେନ୍ସି ସରକାରଙ୍କ ପକ୍ଷରୁ ଗ୍ୟାସ ସିଲିଣ୍ଡର ପିଛା ୬୦ଟଙ୍କା ବୃଦ୍ଧି କରାଯାଇଥିବା ଘୋଷଣା ହେବା ପରେ ପରେ ଚଢ଼ା ଦରରେ ବିକ୍ରି କରିବା ଆରମ୍ଭ କରିଦେଇଛନ୍ତି। ଯେତିକିବେଳେ ପୁରୁଣା ଷ୍ଟକ ଏବଂ ପୁରୁଣା ଦରରେ କ୍ରୟ କରି ନୂତନ ଦରରେ ବିକ୍ରି କରି ଅଧିକ ଟଙ୍କା ଉପାର୍ଜନ କରିଛନ୍ତି। ଏନେଇ ଯୋଗାଣ ବିଭାଗ ଓ ଉପଜିଲ୍ଲାପାଳଙ୍କ ନଜରକୁ ଆଣିବା ପରେ ମଧ ଏହି ଏଜେନ୍ସି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଯାହା ଫଳରେ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏହି ଏଜେନ୍ସି ମାଲିକ ଗ୍ୟାସ ମହଜୁଦ ରଖି ଗ୍ରାହକଙ୍କୁ ଡେଲିଭରି ଦେଉନାହାନ୍ତି। ଗ୍ରାହକ ମାନେ ସିଧାସଳଖ ଡିପୋକୁ ଯାଇ ଗ୍ୟାସ ନେଲେ ଡିପୋ ମାଲିକଙ୍କ ଡେଲିଭରି ଟଙ୍କା ବନ୍ଦ ହୋଇଯାଉଛି। ଏଣୁ ଯୋଗାଣ ବିଭାଗ ପକ୍ଷରୁ ଜୟପୁର ସହରେ ଥିବା ସମସ୍ତ ଡିପୋ ଗୁଡିକ ଯାଂଚ କରି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

ଜଙ୍ଗଲ ନିଆଁ ନିୟନ୍ତ୍ରଣରେ ବିଫଳ, ୩ ବନ ଅଧିକାରୀ ନିଲମ୍ବିତ

କେନ୍ଦୁଝର,୧୩/୩(ନି/ପ୍ର): ଜଙ୍ଗଲ ନିଆଁକୁ ରୋକିବା ପାଇଁ ରାଜ୍ୟ ସରକାର ବନବିଭାଗକୁ ସମସ୍ତ ସହଯୋଗ କରୁଥିବା ବେଳେ ଏଥିନେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଗତବର୍ଷ ଅପେକ୍ଷା ଅଧିକ ଅଗ୍ନିକାଣ୍ଡ ଘଟିଥିବା ରିପୋର୍ଟ ମିଳିଛି। ଅଦ୍ୟାବଧି କେନ୍ଦୁଝର ବନଖଣ୍ଡର ୭ଟି ବନାଂଚଳର ୪୫୨ଟି ସ୍ଥାନରେ ନିଆଁ ଲାଗିଥିବା ରିପୋର୍ଟ ମିଳିଛି। ସେଥିମଧ୍ୟରୁ ଘଟଗାଁ ବନାଂଚଳରେ ସର୍ବାଧିକ ୧୭୦ଟି ସ୍ଥାନରେ ନିଆଁ ଲାଗିଛି। ତେବେ ଜଙ୍ଗଲକୁ ନିଆଁକୁ ନିୟନ୍ତ୍ରଣରେ ବିଫଳ ଯୋଗୁ ମଙ୍ଗଳବାର ୩ ବନ ଅଧିକାରୀଙ୍କୁ ଡିଏଫ୍‌ଓ ଧନରାଜ ଏଚ୍ ଡି କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସେମାନେ ହେଲେ ଘଟଗାଁ ବନାଂଚଳର ଫରେଷ୍ଟର ପ୍ରମୋଦ ବେହେରା ଓ ବିଶ୍ୱରଞ୍ଜନ ମିଶ୍ର। ଏହାସହିତ ପାଟଣା ବନାଞ୍ଚଳର ବନରକ୍ଷୀ ହୃଦାନନ୍ଦ ମହାନ୍ତ ନିଜର କର୍ତ୍ତବ୍ୟରେ ଅବହେଳା କରିବା ସହିତ କର୍ତ୍ତବ୍ୟ ସମୟରେ ନିଶା ସେବନ କରିବା ଏବଂ ବନ୍ୟପ୍ରାଣୀଙ୍କ ଯୋଗୁ ଫସଲ କ୍ଷତିଗ୍ରସ୍ତ ରିପୋର୍ଟ ପ୍ରଦାନରେ ବିଳମ୍ବତା ଯୋଗୁ ଡିଏଫ୍‌ଓ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ନିଲମ୍ବନ ସମୟରେ ବନ କର୍ମଚାରୀମାନେ ମୁଖ୍ୟାଳୟରେ କର୍ତ୍ତବ୍ୟ ତୁଲାଇବେ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ ରହିଛି। ଏହି କାର୍ଯ୍ୟାନୁଷ୍ଠାନ ପରେ ଅନ୍ୟ କର୍ମଚାରୀଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ଜଙ୍ଗଲ ନିଆଁକୁ ନିୟନ୍ତ୍ରଣକୁ ବନବିଭାଗ ଗୁରୁତ୍ୱ ଦେଇ ଆସୁଥିବା ବେଳେ ଦାୟିତ୍ୱରେ ଥିବା କର୍ମଚାରୀମାନେ ଦାୟିତ୍ୱହୀନତା ଯୋଗୁ ଚଳିତବର୍ଷ ଅଧିକ ନିଆଁ ଜଙ୍ଗଲରେ ଲାଗିଛି। ତେବେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳାରୁ ଜଙ୍ଗଲ ନିଆଁ ନିୟନ୍ତ୍ରଣରେ ବିଫଳତା କାରଣରୁ ଡିଏଫ୍‌ଓ ୩ ଜଣ ବନ କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି। ପ୍ରକାଶଥାଉକି ଘଟଗାଁ ବନାଂଚଳରେ ୧୭୦ଟି ସ୍ଥାନରେ ନିଆଁ ଲାଗିଥିବା ରିପୋର୍ଟ ମିଳିଥିବା ବେଳେ ଦାୟିତ୍ୱରେ ଥିବା ବନକର୍ମଚାରୀଙ୍କ ଯୋଗୁ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବାରେ ବିଫଳତା ଯୋଗୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗର ସମୀକ୍ଷା ବୈଠକ

ଖଡ଼ିଆଳର ଚିତରଞ୍ଜନ ଦାଶ ପାଇଲେ 'ଦିବ୍ୟାଙ୍ଗ ମିତ୍ର' ପୁରସ୍କାର

ନୂଆପଡା,୧୩/୩(ନି/ପ୍ର): ନୂଆପଡ଼ା ଜିଲ୍ଲାରେ ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗର ମାସିକ ସମୀକ୍ଷା ବୈଠକଆଜି ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମୀକ୍ଷା ବୈଠକରେ ବିଭାଗର ସମସ୍ତ ଯୋଜନା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏଥିରୁ ଜଣାଗଲା ଯେ, ବର୍ତ୍ତମାନ ଜିଲ୍ଲାରେ ୧୧୦୯୪୯ ଜଣ ହିତାଧିକାରୀ ବାର୍ଦ୍ଧକ୍ୟ ,ବିଧବା ତଥା ଭିନ୍ନକ୍ଷମ ଭତା ପାଉଛନ୍ତି। ଚଳିତ ଆର୍ଥିକ ବର୍ଷରେ, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୬୧୪ ଜଣଙ୍କୁ, ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ ଯୋଜନାରେ ୬୮ ଜଣଙ୍କୁ, ଭିନ୍ନକ୍ଷମ ଛାତ୍ର ବୃତି ଯୋଜନାରେ ୪୧ ଜଣଙ୍କୁ ଓ ବାଣୀଶ୍ରୀ ଛାତ୍ର ବୃତି ଯୋଜନାରେ ୪୦୦ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ବୈଠକରେ ଦିବ୍ୟାଙ୍ଗ ସହାୟତା ଅଭିଯାନ, ମଧୁବାବୁ ପେନସନ ଯୋଜନା, ଦିବ୍ୟାଙ୍ଗ ପେନସନ, ଜାତୀୟ ପରିବାର କଲ୍ୟାଣ ଯୋଜନା ଏବଂ ତୃତୀୟ ଲିଙ୍ଗୀ ମାନଙ୍କ ପାଇଁ "ସ୍ୱୀକୃତି" ଯୋଜନାର ସମୀକ୍ଷା କରାଯାଇଥିଲା । ଜିଲ୍ଲାପାଳ ' ବିଧବା ସହାୟତା ଅଭିଯାନ" ରେ ଆସୁଥିବା ସମସ୍ତ ବାଧାକୁ ଦୂର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ସମସ୍ତ ବିଧବାମାନଙ୍କ ଡାଟାବେସ ଶୀଘ୍ର ସମ୍ପନ୍ନ କରି ସେମାନଙ୍କୁ ଆବଶ୍ୟକ ସହାୟତା ସହିତ ଜୀବନ ଜୀବିକାର ସୁଯୋଗ ଯୋଗାଇଦେବା ପାଇଁ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ସେହିପରି, ଜାତୀୟ ପରିବାର କଲ୍ୟାଣ ଯୋଜନା ସହିତ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନାରେ ଥିବା ଅନ୍ତରାଳକୁ ମଧ ସମାଧାନ କରିବାକୁ ସେ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ, ଜିଲ୍ଲାପାଳ ଖଡ଼ିଆଳ ବ୍ଲକ ଅନ୍ତର୍ଗତ ତୁକଲା ଗ୍ରାମର ଚିତରଞ୍ଜନ ଦାଶଙ୍କୁ ଫେବୃଆରି ମାସ ପାଇଁ'ଦିବ୍ୟାଙ୍ଗ ମିତ୍ର' ପୁରସ୍କାର ପ୍ରଦାନ କରିଥିଲେ । ଶ୍ରୀ ଦାଶ ନିଜେ ଜଣେ ଦିବ୍ୟାଙ୍ଗ ହୋଇ ମଧ ଅନେକ ଦିବ୍ୟାଙ୍ଗଙ୍କୁ ସେମାନଙ୍କ ଅଧିକାର ପ୍ରାପ୍ତ କରିବାରେ ସହାୟତା ଯୋଗାଇ ଦେଉଛନ୍ତି । ପୁରସ୍କାର ସ୍ୱରୁପ ତାହାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଧନେଶ୍ୱର ସେଠୀ, ଉପ ଜିଲ୍ଲାପାଳ ସୁର୍ମ ସୋରେନ, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ହରିଶଙ୍କର ନିଆଲ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ମୃତି ରେଖା ନନ୍ଦ ଏବଂ ବିଭାଗର ବ୍ଲକ ସ୍ତରୀୟ, ବିଜ୍ଞାପିତ ଅଂଚଳ ସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

ବିବିଧା

ଆଜିର ରାଶିଫଳ

ମେଷ: ପରିଶ୍ରମର ଫଳ ମିଳିବ । ଦିନଟି ଶୁଭଫଳ ପ୍ରଦାନ କରିବ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ । ନୂଆ ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ଅନୁକୂଳ ସମୟ । ବରିଷ୍ଠ ଅଧିକାରୀ କାର୍ଯ୍ୟ ପାଇଁ ପ୍ରଶଂସା କରିବେ ।

ବୃଷ: ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ କରିବେ । ମାନ ସମ୍ମାନ ବୃଦ୍ଧି ପାଇବ । ଧାର କରଜରୁ ଦୂରେଇ ରହିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

ମିଥୁନ: ଅଚାନକ ଶୁଭ ଖବର ପାଇବେ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ । ଯୋଜନା ମୁତାବକ କାର୍ଯ୍ୟ କରନ୍ତୁ ।

କର୍କଟ: ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରିବେ । କ୍ୟାରିୟର ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି । ମନ ପ୍ରସନ୍ନ ରହିବ । ଉଧାର ଟଙ୍କା ଫେରି ପାଇବେ । ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି ।

ସିଂହ: ଦିନଟି ମିଶ୍ରଫଳ ପ୍ରଦାନ କରିବ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ । ଅଫିସ୍ କାର୍ଯ୍ୟରେ ସଫଳତା ଲାଭ କରିବେ ।

କନ୍ୟା: ଆଶା କରିଥିବା ଦିଗରୁ ଲାଭବାନ ହେବେ । ବନ୍ଧୁ ମିଳନରେ ଯୋଗ ଦେବେ । ଆର୍ଥିକ ସ୍ଥିତିରେ ସୁଧାର ହେବ । ପିତାମାତାମାନେ ପିଲାଙ୍କ ଭବିଷ୍ୟତ କଥା ଚିନ୍ତା କରିବେ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

ତୁଳା: ସକାରାତ୍ମକ ଚିନ୍ତାଧାରାରେ ଦିନ ବିତିବ । ଲେଖାଲେଖି ପ୍ରତି ମନ ବଳାଇବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି ।

ବିଛା: ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ । ପୈତୃକ ସମ୍ପତ୍ତିକୁ ନେଇ ଘରେ ଅଶାନ୍ତି ସୃଷ୍ଟି ହେବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାମ୍ନାରେ ନିଜ ପକ୍ଷ ରଖିବେ । ମହିଳାମାନେ ଘର କାର୍ଯ୍ୟରେ ସମୟ ଅତିବାହିତ କରିବେ ।

ଧନୁ: କର୍ମନିଷ୍ଠ ରହିବେ । ପରିଶ୍ରମ ଅନୁଯାୟୀ ଫଳ ମିଳିବ ନାହିଁ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମେଡିକାଲ କ୍ଷେତ୍ରରେ ସଫଳତା ମିଳିବ । ବୈବାହିକ ଜୀବନ ସୁଖମୟ ହେବ ।

ମକର: ଦୀର୍ଘ ଦିନର ଆଶା ପୂରଣ ହେବ । ଧାର କରଜରୁ ଦୂରେଇ ରହିବେ । ଅଫିସ୍‌ରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଘରକୁ ଅତିଥିଙ୍କ ଆଗମନ ହେବ । ଦୀର୍ଘଦିନର କାମ ପୂରା କରିବେ ।

କୁମ୍ଭ: ଦିନଟି ହସଖୁସିରେ ଅତିବାହିତ କରିବେ । ଜୀବନସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ । ଯାନବାହନ ଚଳାଇବା ସମୟରେ ସାବଧାନତା ଅବଲମ୍ବନ କରିବେ । ସାମାଜିକ କାର୍ଯ୍ୟରେ ଯୋଗ ଦେବେ ।

ମୀନ: କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ବ୍ୟବସାୟରେ ଉନ୍ନତି ହେବ । ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି । ଧୈର୍ଯ୍ୟର ସହ ପ୍ରତ୍ୟେକ କାର୍ଯ୍ୟ କରିବେ । କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ ।

ଆଜିର ଇତିହାସ

- ୧୮୮୧- ରୁଷର ଶାସକ ଆଲେକ୍‌ଜାଣ୍ଡାର୍ ଦ୍ୱିତୀୟଙ୍କୁ ହତ୍ୟା କରାଗଲା ।
- ୧୯୨୧- ମଙ୍ଗୋଲିଆ ଚୀନ୍‌ଠାରୁ ସ୍ୱାଧୀନ ହେଲା ।
- ୧୯୯୨: ତୁର୍କୀରେ ଭୂମିକମ୍ପ ଯୋଗୁଁ ୫୦୦ ଲୋକଙ୍କ ମୃତ୍ୟୁ ।
- ୧୯୯୬- କଲିକତାର ଇଡେନ୍ ଗାର୍ଡେନ୍‌ଠାରେ ଚାଲିଥିବା କ୍ରିକେଟ୍ ବିଶ୍ୱକପ୍ ଫାଇନାଲରେ ଭାରତ ଶ୍ରୀଲଙ୍କାଠାରୁ ହାରିଗଲା ।
- ୨୦୦୯ - ସାର୍କ ସାହିତ୍ୟୋତ୍ସବ ଆଗ୍ରାରୁ ଆରମ୍ଭ ହେଲା ।

ମୋବାଇଲ ଆସକ୍ତି

ଦୁର୍ବଳ ହେଉଛି ଯୁବପିଢ଼ିଙ୍କ ମାନସିକତା

ଆଜିକାଲିର ଯୁବପିଢ଼ି ମୋବାଇଲର ଅଧିକ ବ୍ୟବହାର କରୁଥିବାରୁ ସେମାନଙ୍କଠାରେ ଅଧିକ ମାନସିକ ସମସ୍ୟା ଦେଖାଯାଉଛି । ବିଶେଷଜ୍ଞଙ୍କ କହିବା କଥା, ପରିବାର ଲୋକଙ୍କଠାରୁ ଦୂରେଇ ରହିବା, ଡିଜିଟାଲ ଆସକ୍ତି, ଅବସାଦ ଯୁବପିଢ଼ିଙ୍କୁ ଗମ୍ଭୀର ମାନସିକ ସମସ୍ୟା ଆଡ଼କୁ ନେଉଛି । ଏହାକୁ ମାନସିକ ରୋଗର ଲକ୍ଷଣ । ସେହିପରି ଆଜିକାଲି ପ୍ରତି ବୟସବର୍ଗଙ୍କ ହାତରେ ମୋବାଇଲ । ହେଲେ ଏଥିରେ କିଏ କ'ଣ ଦେଖୁଛି କିମ୍ବା କେମିତି ଏହାକୁ ଉପଯୋଗ କରୁଛି ସେକଥା ଜାଣିବାକୁ କେହି ନାହାନ୍ତି । ଏହାବାଦ୍ ୱେବ୍ ସିରିଜ୍ ଏବଂ ଫିଲ୍ମ ଆଦିରେ ଦେଖାଯାଉଥିବା ହିଂସା, ଗାଳି ଗୁଲଜ, ଅସାମାନ୍ୟ ବ୍ୟବହାର ଧୀରେ ଧୀରେ ଯୁବପିଢ଼ିଙ୍କ ଲାଗି ସାଧାରଣ କଥା ପାଲଟିଛି । ଲଗାତାର ଏଭଳି ଜିନିଷ ଦେଖିବା ଦ୍ୱାରା ସେମାନେ ସେସବୁ ପ୍ରତି ସମ୍ବେଦନଶୀଳ ରହି ନ ଥାନ୍ତି । ବିଶେଷଜ୍ଞଙ୍କ କହିବା କଥା, ଇଣ୍ଟରନେଟ୍‌ର ବିପଜ୍ଜନକ ଓ ଭୁଲ୍ ତଥ୍ୟ ଜଣଙ୍କର ମାନସିକ ସ୍ଥିତିକୁ ଆହୁରି ଖରାପ କରିପାରେ । ଏଭଳି ଘଟଣା ସାମାନ୍ୟ ମାନସିକତାର ସଙ୍କେତ ନୁହେଁ, ବରଂ ଗମ୍ଭୀର ମାନସିକ ଅସନ୍ତୁଳନର ପରିଣାମ । ପରିବାର ସଦସ୍ୟଙ୍କ ମଧ୍ୟରେ କମ୍ ଯୋଗାଯୋଗ ଏକ ବଡ଼ ସମସ୍ୟା ଭାବେ ସାମ୍ନାକୁ ଆସୁଛି ।

ବିଶେଷଜ୍ଞଙ୍କ କହିବା କଥା,' ପିତାମାତା ପିଲାଙ୍କ ସହିତ ପର୍ଯ୍ୟାପ୍ତ ସମୟ ଅତିବାହିତ କରିପାରୁ ନାହାନ୍ତି । ପାଠପଢ଼ାକୁ ନେଇ ପିଲାଙ୍କୁ ଚାପ ପକାଇବା ତଥା ପାଟି କରିବା ଠିକ୍ ଉପାୟ ନୁହେଁ । କାରଣ ପ୍ରତ୍ୟେକ ପିଲା ସମାନ ନୁହନ୍ତି । ପିଲାଙ୍କୁ ବୁଝିବା, ସେମାନଙ୍କ ସହିତ ଖୋଲା ଖୋଲି କଥା ହେବା ଏବଂ ଭାବନାତ୍ମକ ସହଯୋଗ ଦେବା ନିହାତି ଜରୁରି । ପିଲାଙ୍କ ସହ ଅଧିକ ସମୟ ଅତିବାହିତ କରିବା ସହ ସେମାନଙ୍କ ମାନସିକ ସ୍ଥିତି ଉପରେ ଧ୍ୟାନ ଦେବା ଉଚିତ । ଯଦି ବ୍ୟବହାରରେ କୌଣସି ଅସାମାନ୍ୟ ପରିବର୍ତ୍ତନ ପରିଲକ୍ଷିତ କରାଯାଏ, ତେବେ ତୁରନ୍ତ ମନୋଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ । ମାନସିକ ସ୍ୱାସ୍ଥ୍ୟକୁ ଅଣଦେଖା କରିବା ଆଗକୁ ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ ।

ପୋଷା ପ୍ରାଣୀ ଖଟରେ ଶୋଉଥିଲେ...

ଅନେକ ଲୋକ ନିଜ ପୋଷା କୁକୁର ଓ ବିରେଇକୁ ପାଖରେ ଶୁଆଇଥାନ୍ତି । କହିବାକୁ ଗଲେ, ଗୋଟିଏ ଖଟରେ ପୋଷା ବିଲେଇ, କୁକୁରଙ୍କ ସହିତ ମାଲିକ ମଧ ଶୋଇଥାନ୍ତି । ତେବେ ପୋଷା ପ୍ରାଣୀଙ୍କ ସହ ଗୋଟିଏ ଖଟରେ ଶୋଇ କିଏ ଶାନ୍ତି ଅନୁଭବ କରେ ତ ଆଉ ପୁଣି କିଏ ଏହାକୁ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ବୋଲି ଭାବିଥାଏ । ତେବେ ଅଲଗା ଅଲଗା ଦେଶରେ ଏଭଳି ଅଭ୍ୟାସକୁ ନେଇ ହୋଇଥିବା ସର୍ଭେରୁ ଏକ ରୋଚକୀୟ ତଥ୍ୟ ସାମ୍ନାକୁ ଆସିଛି । ୟୁଗଭ୍ ସର୍ଭେ ଅନୁସାରେ, ଜର୍ମାନୀରେ ପ୍ରତି ତିନିରୁ ଜଣେ ମାଲିକ ନିଜ ପୋଷା ପ୍ରାଣୀଙ୍କୁ ଖଟରେ ଶୁଆଇ ଥାନ୍ତି । ଏହା ସ୍ୱିଜରଲ୍ୟାଣ୍ଡ, ଫ୍ରାନ୍ସ, ଅଷ୍ଟ୍ରିଆ ଏବଂ ଇଟାଲିଠାରୁ ଯଥେଷ୍ଟ ଅଧିକ । ସେହିପରି ବ୍ରିଟେନରେ ପ୍ରାୟ ୫୪ ପ୍ରତିଶତ କୁକୁର ଏବଂ ବିଲେଇ ନିଜ ମାଲିକ ସହିତ ଶୋଇଥାନ୍ତି । ନେଦରଲ୍ୟାଣ୍ଡରେ ଏହି ସଂଖ୍ୟା ପ୍ରାୟ ୪୫ ପ୍ରତିଶତ । ଏପରିକି ଅଧା ମାଲିକ ପୋଷା ପ୍ରାଣୀଙ୍କୁ ନିଜ ମୁହଁକୁ ଚାଟିବାକୁ ଅନୁମତି ଦେଇଥାନ୍ତି । ସେହିପରି ୟୁରୋପରେ ପୋଷା ପ୍ରାଣୀ ଓ ମାଲିକ ଅଲଗା ଅଲଗା ଖଟରେ ଶୁଅନ୍ତି । ଅବଶ୍ୟ ଏହାକୁ ନେଇ ବିଶେଷଜ୍ଞଙ୍କ ମତ ସମାନ ନୁହେଁ । ଏନେଇ ଜର୍ମାନ ଆନିମାଲ ୱେଲଫେୟାର୍ ଆସୋସିଏସନର କହିବା କଥା, ପୋଷାପ୍ରାଣୀ ମାଲିକ ଗୋଟିଏ ଖଟରେ ଶୋଇବା ଅଧିକ ଖରାପ କି ଭଲ ନୁହେଁ । ଏହା ହେଉଛି ବ୍ୟକ୍ତିଗତ ରୁଚି । ସେମାନେ ଏକଥା ମଧ କହିଛନ୍ତି, ପୋଷା ପ୍ରାଣୀଙ୍କୁ ପାଖରେ ଶୁଆଉଥିଲେ ସେମାନେ ସଫାସୁତୁରା ରହିବା ଦରକାର । ଏ ଦୃଷ୍ଟିରୁ ପୋଷା ପ୍ରାଣୀ ମାଛି, ଟିକ୍ସ କିମ୍ବା କୃମି ମୁକ୍ତ ହେବା ଉଚିତ । କାରଣ ଏହାଦ୍ୱାରା ପରଜୀବୀ ବ୍ୟାପିପାରେ । ଅନେକ ଗବେଷଣାରେ ଜଣାଯାଇଛି ଯେ, ପୋଷାପ୍ରାଣୀଙ୍କ ସହ ମଣିଷ ଏକାଠି ଶୋଇବା ଦ୍ୱାରା ସଂକ୍ରମଣ ବ୍ୟାପିବା ଆଶଙ୍କା ବଢ଼ିପାରେ । ଏହାବାଦ୍ ବୈଜ୍ଞାନିକମାନେ ବିଶେଷ ଚେତାବନୀ ଦେଇଛନ୍ତି ଯେ, ଛୋଟ ପିଲା, ବୟସ୍କ, ଗର୍ଭବତୀ ମହିଳା ଏବଂ ଦୁର୍ବଳ ରୋଗପ୍ରତିରୋଧକ ଶକ୍ତିଥିବା ଲୋକେ ଏହାକୁ ନେଇ ଅଧିକ ସାବଧାନତା ଅବଲମ୍ବନ କରିବା ଜରୁରି । ବିଶେଷଜ୍ଞଙ୍କ ମତରେ, ଛୋଟ ପିଲା ଶୋଉଥିବା ଖଟକୁ ପୋଷା ପ୍ରାଣୀ ଆସିବା ଅନୁଚିତ । କାରଣ ସେମାନଙ୍କୁ ପୋଷାପ୍ରାଣୀ କାମୁଡ଼ିବା କିମ୍ବା ରାମ୍ପୁଡ଼ିବାର ଆଶଙ୍କା ଥାଏ । କେବଳ ସେତିକି ନୁହେଁ, ପୋଷା ପ୍ରାଣୀଙ୍କ ସହିତ ଶୋଇବାର ପ୍ରଭାବ ନିଦ ଉପରେ ପଡ଼ିଥାଏ । ବ୍ରିଟେନର ଏକ ତଥ୍ୟ ଅନୁସାରେ, ପ୍ରତି ତିନି ଜଣରେ ଜଣେ ବ୍ୟକ୍ତିଙ୍କ ନିଦ ପୋଷା ପ୍ରାଣୀଙ୍କ ସହିତ ଶୋଇବା ଯୋଗୁଁ ଭାଙ୍ଗିଯାଏ । ଯେଉଁମାନଙ୍କୁ ରାତିରେ ଭଲରେ ନିଦ ହୁଏ ନାହିଁ ଓ ଯାହାଙ୍କର ଆଲର୍ଜି ରହିଛି ସେମାନେ ପୋଷାପ୍ରାଣୀଙ୍କ ସହ ଶୋଇବା ଅନୁଚିତ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି ।



ଦେଶର ସବୁଠୁ ଦାମୀ ଅଭିନେତା

୧୦ ଦିନ ପାଇଁ ନେଇଛନ୍ତି ୧୫୦ କୋଟି

କମଲ ହାସନ୍ ଜଣେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଭାବେ ଜଣାଯାନ୍ତି । ତାଙ୍କ ଅଭିନୀତ ଫିଲ୍ମଗୁଡ଼ିକୁ ମଧ୍ୟ ଆନ୍ତର୍ଜାତୀୟସ୍ତରରେ ପ୍ରସିଦ୍ଧି ମିଳିଛି । ତାଙ୍କର ଭୂମିକାଗୁଡ଼ିକୁ ମଧ୍ୟ ଦର୍ଶକେ ବେଶ୍ ପସନ୍ଦ କରନ୍ତି । ୭୦ ବର୍ଷ ବୟସରେ ସେ ଫିଲ୍ମରେ ଲିଡ୍ ରୋଲରେ ନଜର ଆସୁଛନ୍ତି । କମଲଙ୍କ ଅଭିନୀତ ଫିଲ୍ମଗୁଡ଼ିକର ବଜେଟ୍ ମଧ ବେଶ୍ ଅଧିକ ହୋଇଥାଏ । ଶେଷଥର ପାଇଁ ସେ 'କଳ୍କି ୨୮୯୮ ଏଡି'ରେ ଦେଖାଯାଇଥିଲେ । ଏଥିରେ ପ୍ରଭାସ ଓ ଅମିତାଭ ବଚ୍ଚନଙ୍କ ତୁଳନାରେ ତାଙ୍କ ଭୂମିକା ବେଶ୍ ଛୋଟ ଥିଲେ ବି ଦର୍ଶକଙ୍କୁ ତାହା ବେଶ୍ ପ୍ରଭାବିତ କରିଥିଲା । 'କଳ୍କି ୨୮୯୮ ଏଡି'ର ସିକ୍ୱେଲରେ ତାଙ୍କର ଭୂମିକା ପୂର୍ବାପେକ୍ଷା ଆହୁରି ଭୟଙ୍କର ହେବ ବୋଲି ଫିଲ୍ମର ଶେଷରେ ଇଙ୍ଗିତ ଦିଆଯାଇଥିଲା । ନିକଟରେ ନିର୍ଦ୍ଦେଶକ ନାଗ ଅଶ୍ୱିନ କମଲଙ୍କୁ ନେଇ କହିଛନ୍ତି, 'ସେ ଜଣେ ସର୍ବକାଳୀନ ସ୍ତରର କଳାକାର । ସେ 'କଳ୍କି ୨୮୯୮ ଏଡି 'ର ୧୦ ଦିନର ସୁଟିଂ ପାଇଁ ୧୫୦ କୋଟି ନେଇଛନ୍ତି । ସେ ଦେଶର ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା କଳାକାର ।' କିଛି ଦିନ ପୂର୍ବରୁ ବିଗ୍‌ବି 'କଳ୍କି ପାର୍ଟ ୨'କୁ ନେଇ ଅପଡେଟ୍ ଦେଇଥିଲେ । ଦୀର୍ଘଦିନ ପରେ ସେ ତାଙ୍କ ସାଙ୍ଗ କମଲଙ୍କ ସହ କାମ କରିବାକୁ ଯାଉଛନ୍ତି ବୋଲି ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଥିଲେ । କମଲ ଓ ବିଗ୍‌ବି ଶେଷଥର ପାଇଁ ୧୯୮୫ରେ 'ଗିରଫ୍ତାର' ଫିଲ୍ମରେ କାମ କରିଥିଲେ । ଆଉ ଏବେ ୪୧ ବର୍ଷ ପରେ ଏଥରୁହେଁ ଏକାଠି କାମ କରିବେ । 'କଳ୍କି ପାର୍ଟ ୧'ର ବଜେଟ୍ ଥିଲା ୫୦୦ କୋଟି । ଏହା ସାରା ବିଶ୍ୱରେ ୧୦୦୦ କୋଟି ଆୟ କରିଥିଲା । ଏହାର ପ୍ରଥମ ପାର୍ଟରେ ନାୟିକା ଭାବେ ଦୀପିକା ପାଡ୍ୟୁକୋନ୍ ଦେଖାଯାଇଥିଲେ । ହେଲେ ଏହାର ସିକ୍ୱେଲରୁ ଦୀପିକାଙ୍କୁ ବାଦ୍ ଦିଆଯାଇଛି ।

ଘରୋଇ ଉପଚାର

କାନରେ ପୂଜ ହେଲେ ...

- ପିଚିକିରି ଖଇ ଚୂର୍ଣ୍ଣ ପକାଇଲେ କାନପଚା ଭଲ ହୁଏ ।
- ଅଦାରସ ଓ ରସୁଣ ମିଶାଇ କାନରେ ପକାଇଲେ ଉପଶମ ମିଳିଥାଏ ।
- ତାର୍ପିନ ତେଲ ୪/୫ ଟୋପା ପକାଇଲେ କାନପୂଜ ଭଲ ହୁଏ ।
- ମାଣ ସାରୁର ଡେମ୍ଫକୁ ନିଆଁରେ ସେକି ତା ରସ ପକାଇଲେ କାନରେ ପୂଜ ଦୋଷ ଦୂର ହୁଏ ।
- ଖାଣ୍ଟି ସୋରିଷ ତେଲ ଅଧପା କୁହା କରେଇରେ ଫୁଟାଇବେ । ଫେଣଶୂନ୍ୟ ହେଲେ ଗୋଟିଏ ବା ଦୁଇଟି ଶାମୁକାର ମାଂସ ପକାଇ ରାନ୍ଧିବେ । ମାଂସ ପୋଡ଼ି କଳାବର୍ଣ୍ଣ ହେଲେ ତେଲକୁ ଛାଣି ଶିଶିରେ ରଖିବେ । ତୁଳାରେ କାନରୁ ପୂଜ ବାହାର କରି ସେହି ତେଲ କାନରେ ପକାଇଲେ ବହୁ ଦିନର କାନପଚା ରୋଗ ଭଲ ହୁଏ ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

କର୍କଟ ପୀଡ଼ିତଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଉପାୟ

କର୍କଟ କୋଷକୁ ନଷ୍ଟ କରିବାକୁ କେମୋଥେରାପି, ରେଡିଓଥେରାପି କିମ୍ବା ସର୍ଜରୀ ପ୍ରକ୍ରିୟା ଆପଣା ଯାଇଥାଏ । ଏହି ପ୍ରକ୍ରିୟା କର୍କଟ କୋଷ ନଷ୍ଟ କରିବା ସହ ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଥାଏ । ଏପରିସ୍ଥିତିରେ ରୋଗୀଙ୍କୁ ସଂକ୍ରମଣ, ଥକ୍କାପଣ ଏବଂ ଅନ୍ୟ ରୋଗ ଆଶଙ୍କା ରହିଥାଏ । ତେଣୁ ଚିକିତ୍ସା ସହିତ ସୁସ୍ଥ ଜୀବନଶୈଳୀକୁ ଆପଣାଇ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଯାଇପାରିବ ।

କର୍କଟ ଚିକିତ୍ସା ସମୟରେ ଏବଂ ପରେ ପୀଡ଼ିତଙ୍କ ଶରୀରରେ ଅଧିକ ପୋଷଣର ଆବଶ୍ୟକ ହୁଏ । ତେଣୁ ଡାଏଟ୍‌ରେ ତଟକା ଫଳ, ପନିପରିବା, ଅଣ୍ଡା, ପ୍ରୋଟିନ୍ ଓ ଭିଟାମିନ -ଯୁକ୍ତ ଖାଦ୍ୟ ସାମିଲ କରି ପାରିବେ । ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟ, ମିଠା, ସ୍ନାକ୍ସ, ମଦ୍ୟପାନ, କଞ୍ଚା କିମ୍ବା ଅଧାସିଝା ମାଂସ ଖାଇବା ଅନୁଚିତ । ଭୋକ କମ୍ ଲାଗୁଥିଲେ ଦିନରେ ୫ରୁ ୬ ଥର କରି ଛୋଟ ଛୋଟ ମିଲ ନେଇ ପାରିବେ । ପର୍ଯ୍ୟାପ୍ତ ପାଣି ପିଇବା ଆବଶ୍ୟକ । ଚିକିତ୍ସା ପରେ ଶରୀର ଅଧିକ ଥକ୍କା ଲାଗେ । ତେଣୁ ୭ରୁ ୮ ଘଣ୍ଟା ଶୋଇବା ଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଡାକ୍ତରଙ୍କ ପରାମର୍ଶ ନେଇ ହାଲୁକା ବ୍ୟାୟାମ, ଯୋଗ, ପ୍ରାଣାୟମ କରିପାରିବେ । କର୍କଟ ଚିକିତ୍ସା ପରେ ରୋଗପ୍ରତିରୋଧକଶକ୍ତି କ୍ଷମତା ଦୁର୍ବଳ ହୋଇ ସଂକ୍ରମଣ ଆଶଙ୍କା ବଢ଼ିଯାଏ । ତେଣୁ ଭିଡ ସ୍ଥାନକୁ ଯିବା ଅନୁଚିତ । ହାତକୁ ବାରମ୍ବାର ସାବୁନରେ ସଫା କରିବା ଆବଶ୍ୟକ ।

ଜ୍ୱର, କାଶ କିମ୍ବା ସଂକ୍ରମଣ ଜନିତ ସମସ୍ୟା ହେଲେ ତୁରନ୍ତ ଡାକ୍ତରଙ୍କୁ ଯୋଗାଯୋଗ କରନ୍ତୁ । ମାନସିକ ଭାବେ ସୁସ୍ଥ ରହିବା ମଧ ଜରୁରି ।

ଚିକିତ୍ସା ହେବା ପରେ ଡାକ୍ତରଙ୍କ ପରାମର୍ଶରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଜରୁରି । ରକ୍ତପରୀକ୍ଷା କିମ୍ବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ସମୟେ ସମୟେ କରିବା ଏକାନ୍ତ ଆବଶ୍ୟକ ।

ଫ୍ଲାସ୍ ରେଡିଓଥେରାପି

ବିଶୃଙ୍ଖଳିତ ଜୀବନଶୈଳୀ, ଅନିୟମିତ ଖାଦ୍ୟପେୟ, ଚିନ୍ତା, ବଂଶାନୁକ୍ରମିକରୋଗ ଆଦି କାରଣରୁ କର୍କଟ ରୋଗ ହୋଇଥାଏ । କର୍କଟ ରୋଗ ପାଇଁ ଅନେକ ଚିକିତ୍ସା ପଦ୍ଧତି ଥିଲେ ମଧ ଫ୍ଲାଶ୍ ରେଡିଓଥେରାପି ବରଦାନ ସଦୃଶ । ଏହା ଏକ ଆଡଭାନ୍ସ ରେଡିଓଥେରାପି ଟେକ୍ନୋଲୋଜି । କର୍କଟ ରୋଗର ପର୍ଯ୍ୟାୟ ଅନୁସାରେ ଡାକ୍ତର ରୋଗୀଙ୍କୁ ଅସ୍ତ୍ରୋପଚାର, କେମୋଥେରାପି ତଥା ରେଡିଓଥେରାପି ଚିକିତ୍ସା ଯୋଗାଇଥାନ୍ତି । ଏହାଦ୍ୱାରା ଯନ୍ତ୍ରଣା କମ୍ ହୁଏ । ପାରମ୍ପରିକ ରେଡିଓଥେରାପି ତୁଳନାରେ ଫ୍ଲାସ୍ ରେଡିଓଥେରାପି ଅଧିକ ପ୍ରଭାବୀ ଓ ସୁରକ୍ଷିତ । ଏହାକୁ ଫ୍ଲାଶ୍ ଆରଟି କୁହାଯାଏ । ଏଥିରେ ମଲେକ୍ୟୁଲାର ଟ୍ରିଟ୍‌ମେଣ୍ଟ ଏବଂ ଆଡଭାନ୍ସ ଡାୟଗୋନିଷ୍ଟିକ୍ ଟୁଲ୍ସ ବ୍ୟବହାର କରାଯାଏ । ଏହା କର୍କଟ କୋଷିକାକୁ ତୁରନ୍ତ ଚିହ୍ନଟ କରି ନଷ୍ଟ କରିବାକୁ ପ୍ରଭାବୀ ହୋଇଥାଏ । ଲ୍ୟୁକେମିଆ କର୍କଟ, ପ୍ରୋଷ୍ଟେଟ୍ କର୍କଟ ଆଦି ପାଇଁ ଏହି ଥେରାପି ଭଲ । ଏହି ଥେରାପିରେ ରୋଗୀଙ୍କୁ ହସ୍ପିଟାଲରେ ଅଧିକ ଦିନ ରହିବାକୁ ପଡ଼େନାହିଁ । ରୋଗୀର ସ୍ଥିତି, ରୋଗର ପ୍ରକାରକୁ ଦେଖି ଡାକ୍ତର ରେଡିଓ ଥେରାପି ସହ ହାଇ ଡୋଜ୍ ଦିଅନ୍ତି । ଟ୍ୟୁମରର ଯୋଗୁଁ ହେବାକୁ ଥିବା କ୍ଷତିକୁ ଏହି ଥେରାପି କମ୍ କରିଥାଏ । ଏଥିରେ କମ୍ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ ।

'ସକାଳ'ର ସ୍ୱାସ୍ଥ୍ୟ

ବ୍ରେନ୍ ଫଗ୍

ଅତ୍ୟାଧୁନିକ ଜୀବନଶୈଳୀ, କାମ ଚାପ, ଆର୍ଥିନୈତିକ ଦାୟିତ୍ୱବୋଧ, ସାମାଜିକ ଗଣମାଧ୍ୟମରେ ବ୍ୟସ୍ତ ଆଦି ବିଭିନ୍ନ କାରଣରୁ ଅଧିକାଂଶ ଯୁବପିଢ଼ି ବ୍ରେନ୍ ଫଗ୍‌ରେ ପୀଡ଼ିତ । ବ୍ରେନ୍ ଫଗ୍ ଏଭଳି ଏକ ଅବସ୍ଥା ଯେଉଁଥିରେ ମସ୍ତିଷ୍କ ପୂରା ଜାମ୍ ହୋଇଯାଏ । ଜଣେ କ'ଣ କରିବ ନ କରିବ କିଛି ବୁଝି ପାରନ୍ତିନି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁତାବକ, ଦୀର୍ଘ ସମୟ କାର୍ଯ୍ୟ କରିବା, ଲଗାତାର ଚିନ୍ତା, ହରମୋନ ଅସନ୍ତୁଳନ, ଶରୀରରେ ଜଳୀୟାଂଶ କମିବା, ଅନିଦ୍ରା ରହିବା ଅଭ୍ୟାସ ସ୍ମୃତିଶକ୍ତିକୁ ଦୁର୍ବଳ କରିଥାଏ । ବ୍ରେନ୍ ଫଗ୍ ସମସ୍ୟା ହେଲେ ଧ୍ୟାନକେନ୍ଦ୍ରିତ କରିବାରେ ବାଧା ସୃଷ୍ଟି କରେ । ସ୍ମୃତିଶକ୍ତି ଦୁର୍ବଳ ହୁଏ । କଥାବାର୍ତ୍ତା ସମୟରେ ସାଧାରଣ କଥାକୁ ଭୁଲିଯିବା ବ୍ରେନ୍ ଫଗ୍‌ର ଲକ୍ଷଣ । ବ୍ରେନ୍‌ଫଗ୍‌ରେ ପୀଡ଼ିତ ମାନସିକ ଥକ୍କାପଣ, ଦ୍ୱନ୍ଦ୍ୱ, ଏକାଗ୍ରତାରେ ହ୍ରାସ ଆଦି ସମସ୍ୟାକୁ ସାମନା କରିଥାନ୍ତି । କେବଳ ସେତିକି ନୁହେଁ, ପୋଷକତତ୍ତ୍ୱର ଅଭାବ, ଭିଟାମିନ୍ ବି୧୨, ଭିଟାମିନ୍ ଡି୩ ଏବଂ ଲୌହସାରର ଅଭାବ ମଧ ବ୍ରେନ୍ ଫଗ୍‌ର ମୂଳ କାରଣ । ଯଦିଓ ବ୍ରେନ୍ ଫଗ୍ କୌଣସି ରୋଗ ନୁହେଁ, ହେଲେ ଏହା ମାନସିକ ଅସୁସ୍ଥତାକୁ ସୂଚାଏ । ଅଧିକାଂଶ ଯୁବପିଢ଼ିଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଉଛି । ଏପରି ସ୍ଥିତିରେ ଥକ୍କା ଲାଗିବା, କେଶ ଝଡ଼ିବା, ଚର୍ମ ହଳଦିଆ ପଡ଼ିଯିବା ଆଦି ଲକ୍ଷଣ ଦେଖା ଦେଲେ, ରକ୍ତ ପରୀକ୍ଷା କରିବା ଜରୁରି । ତାସହିତ ଏହି ସମସ୍ୟାରୁ ବର୍ତ୍ତିବା ପାଇଁ ଦିନରେ ୬ରୁ ୭ଘଣ୍ଟା ଶୋଇବା ଜରୁରି । ପ୍ରତିଦିନ ୩୦ ମିନିଟ୍ ବ୍ୟାୟାମ କରିବା ସହ ସନ୍ତୁଳିତ ଖାଦ୍ୟ ଖାଇବା ଆବଶ୍ୟକ । ଆବଶ୍ୟକ ମୁତାବକ ପାଣି ପିଅନ୍ତୁ । ସ୍କ୍ରିନ୍ ସମୟ ସୀମିତ କରନ୍ତୁ । ଅଚାନକ କିଛି କଥାକୁ ଭୁଲୁଥିଲେ କିମ୍ବା ମୁଣ୍ଡବିନ୍ଧା ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ସହ ସମ୍ପର୍କ କରିବା ଆବଶ୍ୟକ ।

ଏଚ୍‌ସିଜି ଟେଷ୍ଟ

ଗର୍ଭଧାରଣ ପ୍ରତ୍ୟେକ ମହିଳାଙ୍କ ପାଇଁ ଏକ ଅମୂଲ୍ୟ ଅନୁଭୂତି । ଗର୍ଭାବସ୍ଥା ଆରମ୍ଭରୁ ଏହାର ସଠିକ୍ ଚିହ୍ନଟ ଗୁରୁତ୍ୱ ବହନ କରେ । ତେଣୁ ଗର୍ଭଧାରଣ ହେଲା କି ନାହିଁ ଜାଣିବାକୁ ଅଧିକାଂଶ ମହିଳା ପରୀକ୍ଷା (ୟୁରିନ୍ ଟେଷ୍ଟ) କରିଥାନ୍ତି । ଏଥିରେ ପ୍ରାୟତଃ ଫଳାଫଳ ବିଶ୍ୱାସ ଯୋଗ୍ୟ ହୁଏନି । ମହିଳା ଗର୍ଭବତୀ ଅଛନ୍ତି କି ନାହିଁ ଏହାର ନିଶ୍ଚିତତା ଜାଣିବା ପାଇଁ ଡାକ୍ତର ବ୍ଲଡ୍ ଏଚ୍‌ସିଜି ଟେଷ୍ଟ କରାନ୍ତି । ଏହି ଟେଷ୍ଟ ସବୁଠୁ ବିଶ୍ୱାସଯୋଗ୍ୟ । ଏଚ୍‌ସିଜି ଟେଷ୍ଟରେ ହ୍ୟୁମାନ୍ କୋରିଓନିକ ଗୋନାଡୋଟ୍ରପିନ୍ (ଏଚ୍‌ସିଜି) ହରମୋନ୍ ମାତ୍ରା ମପାଯାଏ । ଏହି ହରମୋନ୍ ଗର୍ଭାବସ୍ଥା ପରେ ସୃଷ୍ଟି ହେବା ଆରମ୍ଭ କରେ । ଏହି ହରମୋନ୍ ଗର୍ଭ ପରୀକ୍ଷାକୁ ସକାରାତ୍ମକ କରାଏ । ଗର୍ଭାବସ୍ଥାକୁ ନେଇ କିଛି ସନ୍ଦେହ ଆସିଲେ ସେତେବେଳେ ବିଟା ଏଚ୍‌ସିଜି ପରୀକ୍ଷା କରାଯାଏ । ଏଚ୍‌ସିଜି ଟେଷ୍ଟ ସହିତ ଗର୍ଭ ଭିତରେ କି ବାହାରେ ଅଛି ଜାଣିବାପାଇଁ ଡାକ୍ତରଙ୍କ ପରାମର୍ଶରେ ଅଲଟ୍ରାସାଉଣ୍ଡ (ଟିଭିଏସ୍) କରିବା ନିହାତି ଆବଶ୍ୟକ ।

ଉତ୍କଳ ସମାଚାର

ସମ୍ପାଦକୀୟ...

ଶନିବାର ୧୪ ମାର୍ଚ୍ଚ ୨୦୨୬

ସୃଷ୍ଟି ପାଇଁ ମାଟି



ପୃଥିବୀ ସୃଷ୍ଟିର ଅନେକ ରହସ୍ୟ ମଧ୍ୟରୁ ଗୋଟିଏ ଗ୍ରହଣୀୟ ଯେ ଏହା ଉତ୍ତପ୍ତ ଗ୍ୟାସୀୟ ତରଳପଦାର୍ଥର ଶୀତଳୀକୃତ ଏକ କଠିନ ଆବରଣଯୁକ୍ତ ପିଣ୍ଡ। ସହସ୍ର ନିୟୁତ ବର୍ଷ ଧରି ପ୍ରାକୃତିକ ଶକ୍ତିଗୁଡ଼ିକ ପ୍ରଭାବରେ କଠିନ ଶିଳା ବିତାଡ଼ିତ, ବିଖଣ୍ଡିତ ତଥା ବିଘଟିତ ହୋଇ ସୃଷ୍ଟି କରିଛି ମାଟି, ଯାହା ଭୂପୃଷ୍ଠକୁ ଆଚ୍ଛାଦିତ କରି ରଖିଛି। ସେ ସୁଉଚ୍ଚ ଗିରିଶୃଙ୍ଗ ହେଉ କିମ୍ବା ସମୁଦ୍ର ଚଟାଣ ଅବା ସୁବିସ୍ତୃତ ସମତଳ ପ୍ରାନ୍ତର ସବୁଠି ମାଟିର ଉପସ୍ଥିତି ଦୃଶ୍ୟମାନ। କେବଳ ଫରକ ଆକାର, ସଙ୍ଗଠନ, ସଂରଚନା ଆଉ ରଙ୍ଗରେ। ମାଟିର ଏମିତି ବିଭିନ୍ନତା ପଛରେ ରହିଛି କେବଳ ଭୌଗୋଳିକ, ଜଳବାୟୁ ଏବଂ ଶିଳାଉତ୍ସର ବିବିଧତାଗତ କାରଣ। ଏସବୁ ସତ୍ତ୍ୱେ ମାଟି ସର୍ବତ୍ର ସାଜିଛି ସୃଷ୍ଟି ସର୍ଜନାର ମୂଳମନ୍ତ୍ର। ଏକକୋଷୀ ଜୀବରୁ ଆରମ୍ଭ ହୋଇଥିବା ଜୀବନ୍ତ ପୃଥିବୀର ଅଭିଯାନ ବିବର୍ତ୍ତନବାଦକୁ ଆୟୁଧ କରି ସମ୍ପ୍ରତି ପହଞ୍ଚିଛି ମଣିଷ ପରି ଉନ୍ନତ ଜୀବ ଓ ବୃକ୍ଷଲତା ପାଖରେ। ଏହି କାମରେ ମାଟି ଯେ କେବଳ ଜୀବସତ୍ତାର ପ୍ରାରମ୍ଭିକ କର୍ତ୍ତା ସାଜିଛି ତା ନୁହେଁ ବରଂ ଖଞ୍ଜି ଦେଇଛି ଜୀବିକାର ଉତ୍ସ, ଅମାପ ପ୍ରାକୃତିକ ସମ୍ପଦର ଭଣ୍ଡାର ଆଉ ଅଜାଡ଼ି ଦେଇଛି ଅକଳନୀୟ ଶକ୍ତିର ଉତ୍ସ। ହେଲେ ସମୟକ୍ରମେ ମାଟି ସହିତ ଅଙ୍ଗାଙ୍ଗୀ ଭାବେ ଯୋଡ଼ି ହୋଇ ଆସିଥିବା ମଣିଷର ଆର୍ଥିକ, ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ଭାବଧାରା ଧୀରେ ଧୀରେ ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି। କିଛି ଅଂଶରେ ମାଟି ସହିତ ମଣିଷର ସମ୍ପର୍କ ସଙ୍କୁଚିତ ହୋଇଯାଉଛି ତ ଆଉ କିଛି ଭାଗରେ ମାଟି ଉପରେ ମଣିଷର ଉତ୍ପୀଡ଼ନ ବଢ଼ିଚାଲୁଛି। ମାଟିରୁ ମୋହ ଭାଙ୍ଗିଯାଉ କିମ୍ବା ମଣିଷ ପାଇଁ ମାଟି ଦୁଷ୍ପ୍ରାପ୍ୟ ହେଉ ଉଭୟ ପରିସ୍ଥିତି ଭବିଷ୍ୟତ ବିଶ୍ୱ ପାଇଁ ଉଦ୍‌ବେଗଜନକ। ଏହି ପ୍ରସଙ୍ଗରେ ମିଳିତ ଜାତିସଂଘ ସାଧାରଣ ପରିଷଦ ୨୦୧୩ ମସିହାରେ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରିବା ପାଇଁ ବିଧିବଦ୍ଧ ଘୋଷଣା କରନ୍ତି। ଏହାକୁ ଆଉ ଟିକେ ପ୍ରାଧାନ୍ୟ ଦେବାକୁ ଯାଇ ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥା ୨୦୨୫ ମସିହା ଅନ୍ତର୍ଜାତୀୟ ମୃତ୍ତିକା ବର୍ଷ ଭାବେ ପାଳନ କରୁଛି, ଯାହାର ପୂର୍ତ୍ତି ଏ ବର୍ଷ ଡିସେମ୍ବର ୫ ତାରିଖ ଅର୍ଥାତ୍ ବିଶ୍ୱ ମୃତ୍ତିକା ଦିବସ ଅବସରରେ ମନାଯାଉଛି। ସୁସ୍ଥ ମାଟି ଖାଦ୍ୟ, ବସ୍ତ୍ର, ଜାଳେଣି, ଔଷଧ ଇତ୍ୟାଦି ଯୋଗାଣରେ ଏକମାତ୍ର ଉତ୍ସ ଭାବେ ପରିଗଣିତ। ମାଟି ଆମ ପରିବେଶ ପରିସଂସ୍ଥା ପାଇଁ ଏକ ଅନିବାର୍ଯ୍ୟ ଅଙ୍ଗ। ପରିବେଶର ଅତି ଦରକାରୀ ଅଙ୍ଗାରଚକ୍ର ପାଇଁ ମାଟି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ପୃଷ୍ଠତଳ ସଂଗୃହୀତ କରି ରଖିବା, ବିଶୁଦ୍ଧ ଭୂତଳ ଜଳ ଉତ୍ସ ସୃଷ୍ଟି ଓ ଜଳ ପ୍ରଦାନ କରିବା ତଥା ବନ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରଶମିତ କରିବା ଦିଗରେ ମାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ମାଟି ଜୈବିକ ଅଙ୍ଗାରକର ସର୍ବ ବୃହତ୍ତମ ଭଣ୍ଡାର ଯାହା ଜଳବାୟୁ ପରିବର୍ତ୍ତନଜନିତ ପ୍ରତିକୂଳ ପ୍ରଭାବକୁ ପ୍ରଶମନ ତଥା ଖାପ୍ ଖୁଆଇ ନେବାରେ ସାହାଯ୍ୟ କରିଥାଏ। ପ୍ରାୟ ୮୦୦ କୋଟିରୁ ଅଧିକ ବିଶ୍ୱ ଜନସଂଖ୍ୟାରେ ଅନେକ ଲୋକ ଅର୍ଦ୍ଧାହାର, ଅନାହାର, କୁପୋଷଣର ଶିକାର ହୋଇ ଚାଲିଛନ୍ତି। ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥାର ନିର୍ଦ୍ଦେଶକ ଜୋସେ ଗ୍ରାଜିଆନେ ଡି ସିଲ୍‌ଭାଙ୍କ ମତାନୁଯାୟୀ ବର୍ତ୍ତମାନର ଜନସଂଖ୍ୟା ବୃଦ୍ଧି ପାଖାପାଖି ୬୦ ପ୍ରତିଶତ ଅଧିକ ଖାଦ୍ୟ ଉତ୍ପାଦନ ଦରକାର କରେ। ମାତ୍ର ପରିତାପର ବିଷୟ ଏହିକିଯେ ଏତାଦୃଶ ସ୍ଥିତିରେ ବିଶ୍ୱର ୩୩ ପ୍ରତିଶତ ମୃତ୍ତିକା ସମ୍ପଦ ଅବକ୍ଷୟଗାମୀ। ମାଟି ଉପରେ ମଣିଷର ଅତ୍ୟଧିକ ବହୁମୁଖୀ ଚାପ ଏହାକୁ ତାର ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ କରିବାରେ ବାଧା ସୃଷ୍ଟି କରିଚାଲିଛି। ମାଟିର କ୍ଷଣିକ ତଥା ଲାଭଦାୟକ ବ୍ୟବହାର ପାଇଁ ଏହାର ଅବକ୍ଷୟ, ସଙ୍କୋଚନ, ମୃତ୍ତିକା ବନ୍ଧନ, ଲବଣତା ବୃଦ୍ଧି, ଜୈବାଂଶ ପ୍ରତିହତ, ପୋଷଣହୀନତା, ଅମ୍ଳବୃଦ୍ଧି ତଥା ଅନ୍ୟାନ୍ୟ ପ୍ରଦୂଷଣ ମାତ୍ରା ଧୀରେ ଧୀରେ ବଢ଼ିଚାଲିଛି। ଏପରି ସ୍ଥିତି ଲାଗି ରହିଲେ ୧୯୬୦ ମସିହାରେ ମୁଣ୍ଡପିଛା ଉତ୍ପାଦନ କ୍ଷମତାଶୀଳ ମାଟି ଯେତିକି ଥିଲା ତାହା ୨୦୫୦ ମସିହା ବେଳକୁ ଏକ ଚତୁର୍ଥାଂଶରେ ପହଞ୍ଚିଯିବ। ଗୋଟିଏ ସେଣ୍ଟିମିଟର ମୃତ୍ତିକା ସୃଷ୍ଟି ହେବା ପାଇଁ ପ୍ରକୃତିକୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ଲାଗୁଥିଲା ବେଳେ ଆମେ ତାକୁ ୧୦୦୦ ଦିନରୁ କମ୍ ସମୟରେ ନଷ୍ଟ କରିଦେଉଛୁ। ନିରନ୍ତର ଉନ୍ନତିରେ ଖାଦ୍ୟ ସୁରକ୍ଷା ଓ ପୋଷଣ ଅନ୍ୟତମ ଅପରିହାର୍ଯ୍ୟ ଉପାଦାନ ଯାହା କେବଳ ସୁସ୍ଥ ମାଟି ହିଁ ପ୍ରଦାନ କରିଥାଏ। ମାତ୍ର କ୍ରମାଗତ ଭାବେ ନଷ୍ଟ ହୋଇ ଚାଲିଥିବା ମାଟି ଏବେ ପାସୋରି ହୋଇଯାଇଥିବା ଗୋଟେ ସମ୍ପଦର ସ୍ଥିତିରେ ଦଣ୍ଡାୟମାନ। ଜୈବବିବିଧତାର ଏକ ଚତୁର୍ଥାଂଶ ମାଟି ତଳେ ଅବସ୍ଥାନ କରୁଥିବାର ଦେଖାଯାଇଥାଏ। ଅସଂଖ୍ୟ ଅଣୁଜୀବ ଅଦୃଶ୍ୟ ଭାବେ ଅସୁମାରି କାମ କରିଚାଲିଥାନ୍ତି। ପଚାସଢ଼ା ମଇଳା ପଦାର୍ଥକୁ ବିଘଟନ କରି ପରିବେଶକୁ ବିଶୁଦ୍ଧ କରିଥାନ୍ତି ଏମାନେ। ମାଟିର ସଂସ୍ପର୍ଶରେ ସମ୍ଭବ ହୋଇଥାଏ ମଞ୍ଜିର ଅଙ୍କୁରୋଦ୍‌ଗମ, ବିସ୍ତାରିତ ହୁଅନ୍ତି ବୃକ୍ଷରାଜି ଆଉ ସବୁଜିମା। ଏହା ବିଶ୍ୱର ବୃହତ୍ ବିସ୍ମୟ ନୁହେଁ ତ ଆଉ କ'ଣ ? ପ୍ରକୃତିର ପରିଚର୍ଯ୍ୟା ଏବଂ ପର୍ଯ୍ୟାବରଣ ପ୍ରତିଷ୍ଠା ପାଇଁ ପ୍ରତ୍ୟେକଟି ଉପାଦାନ ଖଞ୍ଜି ଦେଇଛି ମାଟି। ମାଟିର ସ୍ତରୀୟ ସଂରଚନା ଦେଇ ଭୂଗର୍ଭଗାମୀ ଭୂପୃଷ୍ଠଜଳର ବିଶୁଦ୍ଧୀକରଣ ପ୍ରକ୍ରିୟା ଯେ କୌଣସି ବୈଜ୍ଞାନିକ ଉପକରଣ ଠାରୁ ଉନ୍ନତମାନର ତାହା ନିଃସନ୍ଦେହ। କିନ୍ତୁ ମାଟିର ଏହି ମହନୀୟତାକୁ ଆମେ କ୍ରମଶଃ ହରାଇବାକୁ ବସିଛୁ। ମଣିଷର ଅପରିଣାମଦର୍ଶୀ ସ୍ୱେଚ୍ଛାଚାରିତାର ଶିକାର ହୋଇଚାଲିଛି ମାଟି। କ୍ଷୁଦ୍ର କ୍ଷୁଦ୍ର ଚର୍ବ୍ୟଚୋଷ୍ୟର ଆବରଣରେ ଅବକ୍ଷୟ ହୋଇ ଚାଲିଛି ମାଟି। ସ୍ୱଳ୍ପ ଜମିରୁ ଅଧିକ ଉତ୍ପାଦନର ଆବଶ୍ୟକତାକୁ ଚରିତାର୍ଥ କରିବାକୁ ଯାଇ ମାଟିରେ ରାସାୟନିକ ସାର, କୀଟନାଶକ, କୈରପତୃଣ୍ଣିର ବହୁଳ ପ୍ରୟୋଗ ମାଟିର ମାନକୁ ନିମ୍ନଗାମୀ କରିପକାଇଲାଣି। ମାଟି ପାଇଁ ସୃଷ୍ଟି ବଞ୍ଚି ରହିଥିବା ବେଳେ ମରିଯାଉଥିବା ମାଟିକୁ ବଞ୍ଚାଇବା, ସଂକୁଚିତ ମାଟିକୁ ସୁସ୍ଥ କରିବାର ପ୍ରୟାସ ସମଗ୍ର ମାନବ ସମାଜର କାମ୍ୟ ହେବା

ଯାହା ମୁଁ ଚିନ୍ତଇରେ ଏଥର 'କିମାଶ୍ଚର୍ଯ୍ୟମ୍'...

ଯୁଧିଷ୍ଠିରଙ୍କର ଉତ୍ତର ସବୁରୁ ବିଜ୍ଞାନସମ୍ମତ ଅକାଟ୍ୟ ଯୁକ୍ତି ମୁଁ ଖୋଜେ ନାହିଁ। ସବୁ ଉତ୍ତର ତାତ୍‌କାଳିକ। ସବୁ ପ୍ରଶ୍ନ କ୍ଷଣିକ ! ସେସବୁ ଶବ୍ଦରେ ତିଆରି। ଶବ୍ଦମାନେ ପ୍ରସିଦ୍ଧ ନୁହନ୍ତି, ସବୁ କଥା କହିଦେବା ପାଇଁ। ମହାଭାରତର ବନପର୍ବର ଗୋଟେ ଅଦ୍ଭୁତ ଉପାଖ୍ୟାନରେ ନିଜକୁ ନିର୍ମଳ ଜଳର ସରୋବରର ସଂରକ୍ଷକ କହୁଥିବା ବକଟିଏ ଗୋଟେ ଜିଜ୍ଞାସୁ ମଣିଷ ଭଳି ପ୍ରଚୁର ପ୍ରହେଳିକାରେ ପୂର୍ଣ୍ଣ। ଯୁଧିଷ୍ଠିରଙ୍କ ସାମନାରେ ଭାଇମାନଙ୍କର ମୃତଦେହ ପଡ଼ିଛି। ରହସ୍ୟମୟ ପକ୍ଷୀଟି ମଣିଷ ପରି ପ୍ରଶ୍ନ ପଚାରି ପାରେ ଏବଂ ନିଜର ଅଖଣ୍ଡ ପ୍ରଭୁତ୍ୱ ଜାହିର କରିପାରେ। ସୂର୍ଯ୍ୟକୁ ଉଦୟ କରାଏ କିଏ, ପବନ ଠାରୁ କାହାର ବେଗ ବେଶୀ, ଘାସ ଠାରୁ ସଂଖ୍ୟାରେ ଅଧିକ ଆଉ କ'ଣ ଅଛି, ଏଭଳି ନାନା ପ୍ରଶ୍ନ। ପଚାରେ ବି ମଣିଷର ପ୍ରକୃତ ମାପକ କ'ଣ, ମଣିଷ କେଉଁ ଏକମାତ୍ର କଥାକୁ ଜୟ କରିପାରିବ, କେଉଁ କଥାକୁ ତ୍ୟାଗ କଲା ପରେ ଜଣେ ପ୍ରକୃତରେ ଧନୀ ହେଇଯାଏ, ସରଳତାର ସହଜ ସଂଜ୍ଞା କ'ଣ, ସବୁଠୁ ଅସାଧ ବ୍ୟାଧି କ'ଣ ! ଏ ସବୁର ଚମତ୍କାର ଉତ୍ତର ପ୍ରତ୍ୟୁତ୍ପନ୍ନମତି ଯୁଧିଷ୍ଠିରଙ୍କୁ ଅଧିକ ଲୋଭନୀୟ ମଣିଷଟିଏ କରିଦିଏ। ଜିତୁଥିବା ମଣିଷ କାଳେକାଳେ ଅଲଗା ଲାଗେ। ଆଗରୁ ଜୁଆ ଖେଳରେ ପ୍ରିୟଜନଙ୍କୁ ସମ୍ପର୍କରେ ହାରିଥିବା ଯୁଧିଷ୍ଠିର ଗୋଟେ ଶବ୍ଦଖେଳରେ ସେମାନଙ୍କ ଜୀବନକୁ ଫେରି ପାଇବା ସତରେ ଚମତ୍କାର। ସବୁ ଉତ୍ତର ଠିକ୍ ହୁଏ। ସତେ ଅବା କୌଣସି କୁଇଜ ସୋ'ର 'ରାପିଡ ଫାୟାର' ପ୍ରଶ୍ନ ରାଉଣ୍ଡରେ ସେ ଥାଆନ୍ତି। ଶତାଧିକ ପ୍ରଶ୍ନକୁ ସେ ସାମନା କରନ୍ତି। ଶେଷକୁ, ଧର୍ମବକ ନିଜର ପ୍ରକୃତ ରୂପ ଧର୍ମରାଜକୁ ପାଲଟିଯାଏ। କୁଇଜ ଆହୁରି ସରେ ନାହିଁ। ମୃତ ଭାଇମାନଙ୍କ ମଧ୍ୟରୁ କେବଳ ଜଣକୁ ଜୀବନ ଦାନର ପୁରସ୍କାର ଦିଆଯିବ ବୋଲି ପଚାରିବାରେ, ଯୁଧିଷ୍ଠିର ଆହୁରି ଚମତ୍କୃତ କରାନ୍ତି ନକୁଳର ନାମ କହି। ଦୁଇ ମାତା କୁନ୍ତୀ ଓ ମାଦ୍ରୀଙ୍କର ଜଣେ ଜଣେ ପୁତ୍ରକୁ ଜୀବିତ ରଖିବାର ନ୍ୟାୟ ମୁଗ୍ଧ କରେ ଯକ୍ଷକୁ। ସବୁ ଭାଇଙ୍କୁ ସେ ବଞ୍ଚେଇ ଦିଏ। ଅନେକ ସମୟରେ, କାହାର ମୃତ୍ୟୁ ଖବର ପାଇଲା ପରେ, ଏ ଉପାଖ୍ୟାନଟି ଆପଣାଛାଏଁ ମୁଣ୍ଡ ଭିତରକୁ ଆସେ। ମୃତ୍ୟୁ, ଆଉ କିଛି କରୁ ବା ନ କରୁ, ଆଉ ଜଣକୁ ମୋହଶୂନ୍ୟ ଓ ମୂକ କରିଦିଏ। ହଠାତ୍ ନାନା ପ୍ରଶ୍ନ ଶୁଭେ। ଅବାନ୍ତର ଅଥଚ ଅର୍ଥପୂର୍ଣ୍ଣ। ହଠାତ୍ ବି ମନେହୁଏ ଯେ, ସଂସାରର ସବୁଠୁ ବାଚାଳ ସେ ନିଜେ। ଥରେଥରେ, କୌଣସି ନୂଆ ପ୍ରଶ୍ନ ନ ଶୁଭିଲେ, ନିଜକୁ ମୁଁ ଯୁଧିଷ୍ଠିରଙ୍କ ଜାଗାରେ ଛିଡ଼ା କରାଏ ଏବଂ ଧର୍ମବକର ପୁରୁଣା ପ୍ରଶ୍ନ ସବୁକୁ ନିଜକୁ ହିଁ ପଚାରେ। ଉତ୍ତର ସବୁ ବି ଦିଏ। ସୂର୍ଯ୍ୟକୁ ଉଦୟ କରାଏ କେବେ କାଉ ଦ୍ୱାରା, ତ କେବେ କୁକୁଡ଼ା ଦ୍ୱାରା। କେବେ ଟେଲିଫୋନର ଘଣ୍ଟି, ତ କେବେ କୋଉ କବିତାର ପ୍ରଥମ ଧାଡ଼ି। ସେମିତି କେହି ମନେ ପଡ଼ିଯିବାର ବେଗ ମନେହୁଏ ପବନ ଠାରୁ ବେଶୀ। କେବେ କାହାକୁ ଭୁଲିଯିବା। ଘାସ ଠାରୁ କେବେ ବାଲି ବେଶୀ ହେଇଯାଏ ତ କେବେ ଯେତେସବୁ କାଲି। କହିରଖେ, ଗଣି ବସିଲେ ବାଲିର ସଂଖ୍ୟା, ସବୁତକ ଘାସଠୁ ପାଞ୍ଚସ ଗୁଣ ବେଶୀ ଏବଂ ଜ୍ୟୋତିର୍ବିଜ୍ଞାନୀ କାର୍ଲ ସାଗାନଙ୍କ ମତରେ ଯେତିକି ବାଲିରେଣୁ ଅଛି ଆମ ଗ୍ରହରେ, ପ୍ରାୟ ସେତିକିଟି ନକ୍ଷତ୍ର ଅଛି କୁଆଡ଼େ ଆକାଶରେ ! ସେମିତି, ଅକଳ୍ପନୀୟ ମୃତ୍ୟୁ କହେ ମଣିଷର ମାପକ ହେଉଛି, ତା'ର ଭାବି ପାରିବାର ଶକ୍ତି। କେବେ ସେ ଥାଏ କେବଳ ଭାବୁଛି ବୋଲି, ତ କେବେ ତା'ର ନ ରହିପାରିବା ଏକବାରେ ଅସମ୍ଭବ ବୋଲି। କେବେ ସେ ଦେହ ଭିତରେ ଥାଏ ତ କେବେ ବାହାରେ। ତେବେ, ମୋତେ ସବୁଠୁ ଆଶ୍ଚର୍ଯ୍ୟ କରାଏ ଯକ୍ଷର ଗୋଟେ ଅଭାବିତ ପ୍ରଶ୍ନ : ଏମିତି, କେଉଁ କଥା ଅଛି, ଯାହା ସବୁଠୁ ଆଶ୍ଚର୍ଯ୍ୟପୂର୍ଣ୍ଣ। କିମାଶ୍ଚର୍ଯ୍ୟମ୍ ଯୁଧିଷ୍ଠିରଙ୍କର ସହଜ ଉତର ଥିଲା, ପ୍ରତିଦିନ ମୃତ୍ୟୁ ଘଟୁଥିବା କଥା ଜାଣୁଥିବା ସତ୍ତ୍ୱେ, ମଣିଷ ମନେ କରେ ଯେ ସେ କେବେ ମରିବ ନାହିଁ। ମୁଁ ଯୁଧିଷ୍ଠିର ହେଇ ଭାବେ, ସଂସାରର ସବୁ ଛୋଟବଡ଼ କଥା, ଯେ ଆଶ୍ଚର୍ଯ୍ୟରେ ପୂର୍ଣ୍ଣ ନୁହେଁ, ଏଇ ଭ୍ରମ ହିଁ ସମ୍ଭବତଃ ସଂସାରର ଏକମାତ୍ର ଆଶ୍ଚର୍ଯ୍ୟ। ରିଚାର୍ଡ ଡକିନ୍‌ସ ନାମକ ଜଣେ ବ୍ରିଟିସ ବିବର୍ତ୍ତନବାଦୀ ଜୀବବିଜ୍ଞାନୀଙ୍କ ତାସ୍ ଖେଳର ଉଦାହରଣଟି ବେଶ୍ ରୋମାଞ୍ଚକର। ତାସ୍ ମୁଠାର ତାସ୍ ସବୁକୁ ଚାରି ଜଣକ ମଧ୍ୟରେ ବଣ୍ଟାଗଲା ପରେ, ଯଦି ପ୍ରତ୍ୟେକଙ୍କ ପାଖରେ ଏକା ଚିହ୍ନର ତେରଟି ଯାକ ରହେ, ତାକୁ ଆଶ୍ଚର୍ଯ୍ୟପୂର୍ଣ୍ଣ ସଂଯୋଗ ବୋଲି କୁହାଯିବ ନା ଗଣିତର ସମ୍ଭାବନା ସୂତ୍ର ହିସାବରେ କେଜାଣି କେତେ କୋଟିଥର ବଣ୍ଟା ହେଲେ ବୋଧେ ଥରେମାତ୍ର ଘଟିପାରେ। ସେଇଥି ପାଇଁ, ଏହା ମେଜିକାଲ। ତେବେ, ଡକିନ୍‌ସ ବୁଝାନ୍ତି, ତାସ୍ ମୁଠାର ତାସ୍‌ତକ ଅନ୍ୟ ଯେ କୌଣସି ଢଙ୍ଗରେ ବଣ୍ଟା ହେଲେ ବି, ସେଇ କ୍ରମରେ ଆଉ ଥରେ ଆସିବ, କେବଳ ସେମିତି କେତେ କୋଟିଥର ବଣ୍ଟା ହେବାର ସୂତ୍ରରେ, ମାତ୍ର ଥରେ। ବସ୍ତୁତଃ, ଆଶ୍ଚର୍ଯ୍ୟ ଥାଏ ଆମ ଭାବିବାରେ। ମୃତ୍ୟୁ ମଧ୍ୟ ସେମିତି ଗୋଟେ ଅଦ୍ଭୁତ ଓ ଅଭାବନୀୟ ଘଟଣା ଯାହାକୁ ବୁଝେଇବାକୁ ନୋବେଲ ପୁରସ୍କାର ପ୍ରାପ୍ତ ଅନ୍ୟ ଜଣେ ଜୀବବିଜ୍ଞାନୀ ଭେଙ୍କି ରାମକୃଷ୍ଣନ ତାଙ୍କ ବହି ''ହ୍ୱାଇ ଉଇ ଡାଏ'' (ଆମେ କାହିଁକି ମରୁ)ରେ ଠାଏ କହିଛନ୍ତି, ମଣିଷ ନିଜର ଦାର୍ଶନିକ ଅବବୋଧରେ ଆଜି ଯାଏ, ନ ମରିବାର ଚାରି ପ୍ରକାରର ଯୋଜନା କରିଆସିଛି। ମନେ ପକେଇ ନ ପାରିବା ଯାଏ ଜିଇଁବା, ଆଉ ଥରେ ଜନ୍ମ ହେବା, ଦେହ ନୁହେଁ ଆତ୍ମାକୁ ଅମର ବୋଲି ଭାବିବା ଏବଂ ସର୍ଜନା କରିବା : ସନ୍ତାନ, ସାହିତ୍ୟ, ସଂଗୀତ ଓ ନାନା କଳାକୃତି। ମୁଁ ଭାବେ, ରାବଣ ଅମର ହେବା ପାଇଁ ନିଜର ହିଁ ପ୍ରପିତାମହ ବ୍ରହ୍ମାଙ୍କୁ ବର ମାଗିଲା ବେଳେ, କେବଳ ନ ମରିବାର ଇଚ୍ଛା ପ୍ରକାଶ କରିଥିଲା, ନା ଅ-ବୃଦ୍ଧ ହେବାର ପ୍ରଚ୍ଛନ୍ନ କାମନା ବି ? କ'ଣ ଏଇଆ ଚାହିଁଥିଲା ଯେ, ସେ ଅମର ହେଇ ରହିଥିବ ଅଥଚ ନିଜର ଅସରନ୍ତି ବାର୍ଦ୍ଧକ୍ୟ ଭିତରେ ଘଟିଯିବ ପ୍ରିୟଜନମାନଙ୍କର ଅପ୍ରତିରୋଧ ବୃଦ୍ଧାବସ୍ଥା ଓ ଅବଧାରିତ ମୃତ୍ୟୁ ଅମରତ୍ୱ ଅଜର କରେ ନାହିଁ। ଏହା ଏକ ଅସମର୍ଥିତ ଇଚ୍ଛା। କେତେ ଏକା କରିଦିଏ ସତରେ ଜଣକୁ ! ଏକାକୀପଣଠାରୁ ଅବିସମ୍ବାଦିତ ମୃତ୍ୟୁ ଆଉ କ'ଣ ଅଛି ଅବା କେଉଁଠି ? ମୁହୂର୍ତ୍ତକର ଯୁଧିଷ୍ଠିର ମୁଁ। ମୋର ତୃଷ୍ଣା ମେଣ୍ଟେ ପ୍ରକୃତରେ, ଉତ୍ତର ଦେବାରେ। ନିଜକୁ।

ମାନବିକତାର ସ୍ୱର ଓ ସ୍ୱାକ୍ଷର...

ମାନବବାଦ ଏକ ନୈତିକ ଭାବଧାରା, ସାମାଜିକ ମୂଲ୍ୟବୋଧ ଓ ଜୀବନ-ଦର୍ଶନ। ନ୍ୟାୟ, ମାନବିକତା, ଭ୍ରାତୃତ୍ୱ ଭାବ ଓ ସମ୍ବେଦନଶୀଳତା ଏହାର ମୌଳିକ ଆଦର୍ଶ। ସେହିପରି ଏକ ସମତାଭିତ୍ତିକ ଓ ଭେଦଭାବରହିତ ସମାଜ ନିର୍ମାଣ ଏହାର ସାମାଜିକ ଆଦର୍ଶ। 'ସାମାଜିକ ଜୀବନରେ ଯେଉଁ ଆଚରଣ ବା ବ୍ୟବସ୍ଥା ମୋ ପାଇଁ କଷ୍ଟଦାୟକ ବା ଅସମ୍ମାନଜନକ, ମୁଁ ସେହି ଆଚରଣ ଅନ୍ୟ ପ୍ରତି ପ୍ରଦର୍ଶନ କରିବି ନାହିଁ'; ଏହା ମାନବବାଦ ଜୀବନ-ଦର୍ଶନ। ବିଭିନ୍ନ ସଭ୍ୟତାରେ ଉଦ୍ଭବ ହୋଇଥିବା ଧର୍ମ, ଦର୍ଶନ, ସାହିତ୍ୟ, ହେତୁବାଦ, ଅସ୍ତିତ୍ୱବାଦ, ସମାଜଶାସ୍ତ୍ର ଇତ୍ୟାଦି ଦେଇ ମାନବବାଦର ବାର୍ତ୍ତା ଓ ମାନବିକତାର ସ୍ୱର ଚିନ୍ତାରାଜ୍ୟରେ ପ୍ରତିଫଳିତ ହୋଇଛି। ମନୁଷ୍ୟମାନଙ୍କର ସାମାଜିକ ସ୍ଥିତିରେ ଉନ୍ନତି, ଅଧିକ ମାନବିକ ଓ ନ୍ୟାୟାଧାରିତ ସାମାଜିକ ବ୍ୟବସ୍ଥା, ଅନ୍ୟାୟ, ଭେଦଭାବ ଓ ମନ୍ଦର ଦୂରୀକରଣ, ସମ୍ବେଦନଶୀଳତା ଓ ଭ୍ରାତୃତ୍ୱ ଭାବର ବିକାଶ ଏବଂ ସାଧାରଣ ଜୀବନର ଗୁଣାତ୍ମକ ମାନରେ ଉନ୍ନତି ଭଳି ବିଷୟ ଧାର୍ଯ୍ୟ କରିବା ହେଉଛି ମାନବବାଦର ଆଭିମୁଖ୍ୟ। ପୃଥିବୀର ସମସ୍ତ ଧର୍ମମାନଙ୍କର ମୌଳିକ କୃତିମାନଙ୍କରେ ମାନବବାଦର ଆଦର୍ଶମାନ ବ୍ୟକ୍ତ ହୋଇଥିବା ଦେଖାଯାଏ। ହିନ୍ଦୁ ଧର୍ମର ବେଦ, ଉପନିଷଦ ଓ ବ୍ରହ୍ମସୂତ୍ରରେ ମାନବବାଦୀ ଜୀବନ-ଦର୍ଶନର ପ୍ରତିଫଳନ ଜଣାଯାଏ। ଋଗ୍‌ବେଦର ଏକ ମନ୍ତ୍ର (୫.୬୦.୫) ?ରେ କୁହାଯାଇଛି ସବୁ ମଣିଷଙ୍କର ମହତ୍ତ୍ୱ ରହିଛି, କେହି ଉଚ୍ଚ ବା ନୀଚ ନୁହନ୍ତି, ସମସ୍ତେ ପରସ୍ପର ଭ୍ରାତୃଭାବ ଦ୍ୱାରା ସଂଯୁକ୍ତ ଅଟନ୍ତି। ଅର୍ଥବ ବେଦର ଭୂମି ସୂକ୍ତର ଏକ ମନ୍ତ୍ରରେ କୁହାଯାଇଛି- ''ମାତା ଭୂମିଃ ପୁତ୍ରୋ ଅହଂ ପୃଥିବ୍ୟାଃ।'' ଏହାର ତାତ୍ପର୍ଯ୍ୟ ହେଉଛି ଧରିତ୍ରୀ ଆମର ମା' ଓ ଆମେ ସବୁ ଏକ ମାତାର ସନ୍ତାନ। ଯଜୁର୍ବେଦର ଏକ ମନ୍ତ୍ର (୩୬.୧୮)ରେ କୁହାଯାଇଛି- ''ମିତ୍ରସ୍ୟ ଚକ୍ଷୁସା ସମୀକ୍ଷାମହେ।''; ଯାହାର ଅର୍ଥ ହେଉଛି ଆମେ ସମସ୍ତେ ପରସ୍ପରକୁ ମିତ୍ର ଦୃଷ୍ଟିରେ ଦେଖିବା ଆବଶ୍ୟକ। ପ୍ରାଚୀନ କୃତି ମହୋପନିଷଦରେ 'ସମଗ୍ର ମନୁଷ୍ୟ ସମାଜ ଗୋଟିଏ ପରିବାର' (ବସୁଧୈବ କୁଟୁମ୍ବକମ୍)ର ବାର୍ତ୍ତା ଦିଆଯାଇଛି। ସେହିପରି ଅନ୍ୟାନ୍ୟ ଧର୍ମମାନଙ୍କର ମୂଳ ଗ୍ରନ୍ଥମାନଙ୍କରେ ମାନବବାଦର ବାର୍ତ୍ତା ସ୍ପଷ୍ଟ ଭାବରେ ଉଲ୍ଲିଖିତ। ବାଇବଲ ଓ କୋରାନରେ କରୁଣା, ସମତା, ନ୍ୟାୟ ଓ ନୀତିପୂର୍ଣ୍ଣ ଜୀବନକୁ ପ୍ରାଧାନ୍ୟ ଦିଆଯାଇଛି। ଦୁଃଖ-ଦୁର୍ଦ୍ଦଶାଗ୍ରସ୍ତ ମନୁଷ୍ୟର ସେବା ଯେ ଏକ ମହନୀୟ କାର୍ଯ୍ୟ; ତାହା ବାଇବଲର ଏକ ପ୍ରମୁଖ ଶିକ୍ଷା। ଅନ୍ୟକୁ ଭଲପାଅ, କାହା ପ୍ରତି ହିଂସା ଆଚରଣ କରନାହିଁ ଓ ଶତ୍ରୁକୁ ମଧ୍ୟ ଘୃଣା କରନାହିଁ ଭଳି ଉପଦେଶମାନ ବାଇବଲରେ ରହିଛି। ସେହିପରି କୋରାନରେ ମଧ୍ୟ ବିଶ୍ୱ ଭ୍ରାତୃତ୍ୱ, ନୈତିକ ଜୀବନର ମହତ୍ତ୍ୱ ଓ ମନୁଷ୍ୟ ଜୀବନର ପବିତ୍ରତାର ସୁନ୍ଦର ବର୍ଣ୍ଣନାମାନ ରହିଛି। ସମସ୍ତ ଈଶ୍ୱର-କୈନ୍ଦ୍ରିକ ଧର୍ମମାନଙ୍କରେ ନୀତିପୂର୍ଣ୍ଣ ଜୀବନ, ସମ୍ବେଦନଶୀଳ ଜୀବନ ଦୃଷ୍ଟି, ପ୍ରେମ ଓ ଭ୍ରାତୃତ୍ୱ ଭାବକୁ ଈଶ୍ୱରୀୟ ଅନୁଜ୍ଞା ଭାବେ ଗ୍ରହଣ କରାଯାଇଛି। ଯେଉଁ ଧର୍ମମାନଙ୍କରେ କୌଣସି ଈଶ୍ୱରଙ୍କ ପରିକଳ୍ପନା ନାହିଁ, ସେସବୁ ଧର୍ମ ସତ୍ୟ, ଅହିଂସା, କରୁଣା, ପବିତ୍ରତା, ସେବା ଇତ୍ୟାଦି ମୂଲ୍ୟବୋଧଗୁଡ଼ିକୁ ଉତ୍କୃଷ୍ଟ ଜୀବନର ଆଧାର ଭାବେ ଗ୍ରହଣ କରିଛନ୍ତି। ଉତ୍ତମ ଜୀବନ ପାଇଁ ବୌଦ୍ଧ ଧର୍ମରେ ରହିଥିବା ଅଷ୍ଟାଙ୍ଗ ମାର୍ଗ ଓ ଜୈନ ଧର୍ମରେ ଥିବା ପଞ୍ଚ ମହାବ୍ରତ ନୈତିକ ଜୀବନର ବାର୍ତ୍ତା ଦେବା ସହ ମାନବବାଦୀ ଉତ୍କର୍ଷର ଚିତ୍ର ଦେଇଥାଏ। ତେବେ, ଧର୍ମମାନଙ୍କରେ ବ୍ୟକ୍ତ ହୋଇଥିବା ମାନବବାଦୀ ବିଚାର ଓ ନୀତିପୂର୍ଣ୍ଣ ଜୀବନର ବାର୍ତ୍ତା ଏକ ପାରଲୌକିକ ଲକ୍ଷ୍ୟ ସାଧନ ପାଇଁ ଅଭିପ୍ରେତ ଥିବା ଦେଖାଯାଏ। ମୁକ୍ତି, ମୋକ୍ଷ, ନିର୍ବାଣ, ସ୍ୱର୍ଗପ୍ରାପ୍ତ ଇତ୍ୟାଦି ଲକ୍ଷ୍ୟ ସାଧନ ପାଇଁ ଏକ ନୀତିପୂର୍ଣ୍ଣ ଜୀବନକୁ ସାଧନ ଭାବରେ ଗ୍ରହଣ କରାଯାଏ। ଲୌକିକ ସ୍ତରରେ ମାନବବାଦ ବିଚାରରେ ନୈତିକତା ଓ ମାନବିକ ଜୀବନବୋଧ ଗୁରୁତ୍ୱ ପାଏ, ଯହିଁରେ କର୍ତ୍ତବ୍ୟବୋଧ, ବୃତ୍ତିଗତ ଶୃଙ୍ଖଳା, ସାମାଜିକ ନୀତି, ନିୟମ, କ'ଣ ଯଥାର୍ଥ ବା ନୁହେଁ ଇତ୍ୟାଦି ପ୍ରସଙ୍ଗ ବିଚାରକୁ ଆସିଥାଏ। ଏହା ସତ ଯେ ନୈତିକତା ଓ ମାନବବାଦ ମଧ୍ୟରେ ସାମଞ୍ଜସ୍ୟ ବା ଅଧିକ୍ରମଣଜନିତ ସମ୍ବନ୍ଧ ରହିପାରେ। ନୈତିକ ଆଦର୍ଶର ଆଧାର ଈଶ୍ୱରୀୟ ବା ଧର୍ମୀୟ ବିଶ୍ୱାସ, ସାମାଜିକ ବିଧାନ, ବିଚାରଶୀଳ ଦୃଷ୍ଟି ବା ମାନବୀୟ ଆବେଗ ହୋଇପାରେ। ତେବେ, ମାନବବାଦର ପରିସର ନେ ?ତିକତାର ପରିସର ଠାରୁ ବ୍ୟାପକ ମନେହୁଏ। କାରଣ ମାନବବାଦରେ ଏକ ଜୀବନ ଦୃଷ୍ଟିର ଚିତ୍ର ରହିଥାଏ। ମାନବବାଦର ଆଧାର ଏକ ସମ୍ବେଦନଶୀଳ ହୃଦୟ, ମାନବିକ ଶ୍ରେୟ ସାଧନ, ବ୍ୟକ୍ତି ମର୍ଯ୍ୟାଦାବୋଧ ଇତ୍ୟାଦି ହୋଇଥାଏ। ମାନବବାଦର ଗମ୍ଭୀର ଚର୍ଚ୍ଚା ପ୍ରାଚୀନ କାଳରୁ ଦର୍ଶନଶାସ୍ତ୍ର ପରିସରରେ ହୋଇଆସିଛି। ପ୍ରାଚୀନ ଗ୍ରୀକ୍ ଦାର୍ଶନିକମାନେ ବିଭିନ୍ନ ମାନଦଣ୍ଡରୁ ମାନବବାଦ ନେଇ ବିଚାର ବ୍ୟକ୍ତ କରିଛନ୍ତି। ଦାର୍ଶନିକ ପ୍ରୋଟା ଗୋରାସ୍ (ଖ୍ରୀ.ପୂ. ୪୯୦-୪୨୦) କହିଛନ୍ତି 'ମନୁଷ୍ୟ ହିଁ ସବୁର ପରିମାପକ'। ସତ୍ୟ, ନ୍ୟାୟ, ସାମାଜିକ ଆଦର୍ଶ ଇତ୍ୟାଦି ମନୁଷ୍ୟ-କୈନ୍ଦ୍ରିକ ଓ ମନୁଷ୍ୟକୁ ବାଦ୍ ଦେଇ ଏ ସବୁର କୌଣସି ଅର୍ଥ ନାହିଁ। ଯାହା ମାନବକୃତ ବା ମାନବ-କୈନ୍ଦ୍ରିକ, ତାହା ଆପେକ୍ଷିକ। ବିଶିଷ୍ଟ ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍ (ଖ୍ରୀ.ପୂ. ୪୭୦-୪୦୦) ଯଦିବା ମାନବବାଦ ଉପରେ ଚର୍ଚ୍ଚା କରିନାହାନ୍ତି, ତେବେ ଉତମ ଜୀବନ ବା ଜୀବନର ଉତ୍କର୍ଷ କିପରି ସମ୍ଭବ ଏହି ପ୍ରଶ୍ନ ଉପରେ ସର୍ବଦା ନିଜର କୌତୂହଳତା ପ୍ରକାଶ କରିଛନ୍ତି। 'କେଉଁ ଜୀବନକୁ ଉତ୍ତମ ଜୀବନ କହିବା ଯଥାର୍ଥ' ଭଳି ପ୍ରଶ୍ନ ଉପରେ ସେ ଯେଉଁ ଚର୍ଚ୍ଚା ଅବତାରଣା କରିଛନ୍ତି, ସେଥିରୁ ତାଙ୍କ ମାନବବାଦୀ ଅବବୋଧର ଚିତ୍ର ମିଳିଥାଏ। ତାଙ୍କ ମତରେ ଉତ୍କୃଷ୍ଟ ଜୀବନର ସ୍ୱରୂପ ହେଉଛି ମାନବିକତା ଓ ତାହା ହିଁ ଜ୍ଞାନର ସ୍ୱରୂପ। ତାଙ୍କ ମତରେ ବିବେକ ପରିଚାଳିତ ବିଚାରବୋଧ ଓ ନୈତିକ ଉତ୍କର୍ଷ ହିଁ ଏକ ମହନୀୟ ଜୀବନର ସ୍ୱାକ୍ଷର ହୋଇଥାଏ। ଏହାକୁ ଦାର୍ଶନିକ ପରିଭାଷାରେ 'ଆଧ୍ୟାତ୍ମିକ ମାନବବାଦ' କୁହାଯାଏ। ସକ୍ରେଟିସ୍‌ଙ୍କର ଭାବଧାରା ଏହି ପୃଷ୍ଠଭୂମିରେ ପ୍ରୋଟା ଗୋରାସ୍ ?ଙ୍କ ବିଚାର ଠାରୁ ଅବଶ୍ୟ ପୃଥକ ଅଟେ। ପ୍ରାଚୀନ କାଳରେ ମାନବବାଦକୁ ନେଇ ରହିଥିବା ବିଚାରକୁ ଅଧିକ ପରିବ୍ୟାପ୍ତ କରିଥିଲା ୟୁରୋପୀୟ ନବଜାଗରଣ ପରେ ସୃଷ୍ଟି ହୋଇଥିବା ଆଧୁନିକ ବିଚାର। ପଞ୍ଚଦଶ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ୟୁରୋପୀୟ ନବଜାଗରଣ ବା ରେନାଁସା ଦ୍ୱାରା ଚିନ୍ତା ରାଜ୍ୟରେ ବୈପ୍ଳବିକ ପରିବର୍ତ୍ତନର ସୂତ୍ରପାତ ଘଟିଥିଲା। ମଧ୍ୟଯୁଗୀୟ ପାରଲୌକିକ ଜୀବନ ଦୃଷ୍ଟି ଓ ଧର୍ମୀୟ ମାନସିକତା ବିରୋଧରେ ଏହା ଏକ ବୌଦ୍ଧିକ ଜାଗରଣ ଥିଲା। ନବଜାଗରଣରୁ ଆଧୁନିକ ବିଜ୍ଞାନ ଓ ମାନବବାଦୀ ଚେତନା ଜନ୍ମ ନେଲା। ଆଧୁନିକ ବିଜ୍ଞାନ ପୃଥିବୀର ଉତ୍ପତି ଓ ମଣିଷର ବିବର୍ତ୍ତନ ବିଷୟରେ ଯେଉଁ ବସ୍ତୁନିଷ୍ଠ ସତ୍ୟର ପ୍ରମାଣ ଦେଲା, ତାହା ଧର୍ମୀୟ ବିଶ୍ୱାସକୁ ଅସତ୍ୟ ଓ କଳ୍ପନା ବୋଲି ଦର୍ଶାଇଲା। ବେ ?ଜ୍ଞାନିକ ପ୍ରକୃତିମାନ ଚିନ୍ତା ରାଜ୍ୟରେ ତୁମୂଳ ପରିବର୍ତ୍ତନ ଆଣି ଜ୍ଞାନର ଦିଗନ୍ତକୁ ବିସ୍ତାରିତ କରିବାକୁ ଲାଗିଲା। ଏହି ନବଜାଗରଣ ଯୁଗରେ ମାନବବାଦଜନିତ ଭାବଧାରା ଏକ କ୍ରାନ୍ତିକାରୀ ବିଚାର ଥିଲା; ଯେମିତି ପ୍ରତ୍ୟେକ ବ୍ୟକ୍ତିର ଜୀବନର ମୂଲ୍ୟ ରହିଛି ଏବଂ ଏକ ସୁସ୍ଥ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ବଞ୍ଚିବା ବ୍ୟକ୍ତିର ପ୍ରାକୃତିକ ଅଧିକାର। ଏଭଳି ମାନବବାଦୀ ବିଚାରଧାରା ବହୁ ଦିଗନ୍ତକୁ ସ୍ପର୍ଶ କଲା। ରାଜତନ୍ତ୍ର, ସାମାନ୍ତବାଦ ପରିବର୍ତ୍ତେ ଗଣତାନ୍ତ୍ରିକ ଭାବଧାରା ଥିଲା ମାନବବାଦୀ ଜୀବନବୋଧର ଅନ୍ୟ ଏକ ବିସ୍ତାରିତ ଅର୍ଥ। ବ୍ୟକ୍ତି ସ୍ୱତନ୍ତ୍ରତା, ସମାନତା ଓ ଭ୍ରାତୃଭାବ ସହ ଜନମଙ୍ଗଳକାରୀ ରାଜନୈତିକ ବିଚାରବୋଧ ମଧ୍ୟ ଦେଇ ମାନବବାଦ ବିସ୍ତାର ଲାଭ କଲା। ପ୍ରତ୍ୟେକ ବ୍ୟକ୍ତି ସକାଶେ ଶିକ୍ଷା, ସ୍ୱାବଲମ୍ବନ, ଶୋଷଣ ଓ ଭେଦଭାବ ମୁକ୍ତ ତଥା ମର୍ଯ୍ୟାଦାବନ୍ତ ଜୀବନ ଆଦି ସଭ୍ୟ ଜୀବନ ଦୃଷ୍ଟିର ଆଦର୍ଶ ହେଲା। ସଭ୍ୟ ସମାଜର ପରିକଳ୍ପନା ସହ ଏହି ମୂଲ୍ୟବୋଧଗୁଡ଼ିକ ସଂପୃକ୍ତ ହେବା ଦ୍ୱାରା ମାନବବାଦ ଅନ୍ୟ ଏକ ତୁଙ୍ଗିମା ସ୍ପର୍ଶ କଲା। ଉପରୋକ୍ତ ନବ୍ୟ ଚିନ୍ତାଧାରା କାରଣରୁ ମାନବବାଦ ଧର୍ମ, ଈଶ୍ୱର ଓ ପାରଲୌକିକ ବିଶ୍ୱାସରୁ ମୁକ୍ତ ହେବା ଦ୍ୱାରା ଏହା 'ଧର୍ମନିରପେକ୍ଷ ମାନବବାଦ'ର ରୂପ ନେଲା। ଧର୍ମନିରପେକ୍ଷ ମାନବବାଦର ତାତ୍ପର୍ଯ୍ୟ ହେଉଛି ପ୍ରତ୍ୟେକ ବ୍ୟକ୍ତି ଏକ ନୀତିପୂର୍ଣ୍ଣ ଓ ଅର୍ଥପୂର୍ଣ୍ଣ ଜୀବନ ବଞ୍ଚିବା ପାଇଁ ଧର୍ମ, ଈଶ୍ୱର ବା କୌଣସି ପାରଲେ ?କିକ ଶକ୍ତି ଉପରେ ନିର୍ଭର କରିବା ଆବଶ୍ୟକ ନାହିଁ। ବିଜ୍ଞାନ ଓ ପ୍ରଯୁକ୍ତି, ବୈଜ୍ଞାନିକ ମାନସିକତା, ଉନ୍ନତ ସାମାଜିକ ବ୍ୟବସ୍ଥା ଓ ସଭ୍ୟ ମୂଲ୍ୟବୋଧମାନ ଇତ୍ୟାଦି ମାନବୀୟ ପ୍ରୟାସରେ ସମ୍ଭବ ହୋଇପାରିବ। କହିବା ବାହୁଲ୍ୟ ଯେ ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତ ହୋଇଥିବା ''ମାନବିକ ଅଧିକାରର ବିଶ୍ୱ ଘୋଷଣାନାମା'' ଏହି ସନ୍ଦର୍ଭରେ ଏକ ଯୁଗାନ୍ତକାରୀ ଆଲୋକବର୍ତ୍ତିକା। ଏହାର ମର୍ମ ହେଲା ସମାଜରେ ରହିଥିବା ବିଭିନ୍ନ ପ୍ରକାରର ଭେଦଭାବ, ଶୋଷଣ, ଅମାନବିକ ପ୍ରଥା ପରମ୍ପରାକୁ ଦୂର କରି ସବୁ ମଣିଷଙ୍କୁ ସମାନ ମର୍ଯ୍ୟାଦା ଦେଇ ଉତ୍କୃଷ୍ଟ ଜୀବନ ବଞ୍ଚିବାର ଅବକାଶ ଦେବା ସମାଜ ଓ ରାଷ୍ଟ୍ରର ମୌଳିକ ଲକ୍ଷ୍ୟ ହେବା ଆବଶ୍ୟକ। ଯଦିଓ ବିଡ଼ମ୍ବନାର ବିଷୟ ଯେ ଏସବୁ ସତ୍ତ୍ୱେ ହିଂସା, ଯୁଦ୍ଧ, ଭେଦଭାବ ତଥା ସାଂପ୍ରଦାୟିକ ବିଦ୍ୱେଷ ସମାଜରେ ବଳବତର ରହିଛି, ଏହା ଅଧିକ ସତ୍ୟ ଯେ ତା' ସହିତ ତାଳ ଦେଇ ସାଂପ୍ରତିକ କାଳରେ ମାନବବାଦ ଅଧିକ ବିସ୍ତାର ଲାଭ କରି 'ଗ୍ରହମଣ୍ଡଳୀୟ ମାନବବାଦ'କୁ ଜନ୍ମ ଦେଲାଣି। ଗ୍ରହମଣ୍ଡଳୀୟ ମାନବବାଦର ତାତ୍ପର୍ଯ୍ୟ ହେଉଛି ପୃଥିବୀ ରୂପକ ଗ୍ରହଟିକୁ ସୁରକ୍ଷା ଦେବା। ପାରିବେଶିକ ପ୍ରଦୂଷଣ, ଗ୍ଲୋବାଲ ୱାର୍ମି ପରି ସମସ୍ୟାମାନ ଦୂର ନ ହେଲେ ପୃଥିବୀ ପୃଷ୍ଠରେ ଜୀବଜଗତର ଭବିଷ୍ୟତ ଅନ୍ଧକାର ହେବ। ଏହା ମାନବସମୂହର ସମସ୍ୟା। ସମଗ୍ର ପୃଥିବୀକୁ ସୁରକ୍ଷିତ ରଖିବା ମାନବ ଜାତିର ନୈତିକ କର୍ତ୍ତବ୍ୟ। ଚିନ୍ତା ରାଜ୍ୟରେ ମାନବବାଦ ଏହିପରି ବେ ?ଚାରିକ ଆଲୋଚନା ମାଧ୍ୟମରେ ନାନା ଦିଗନ୍ତ ସୃଷ୍ଟି କରିଛି।

ଧ୍ରୁବ ତାରା

ସାମ୍ବାଦିକତାର ସଫଳତା କ'ଣ କେବଳ ସିଧାସଳଖ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯିବାରେ ନିହିତ ଥାଏ ନା ବାଟ ହୁଡ଼ି, ବାଟ ଖୋଜି ଠଉରାଇ ଠଉରାଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପୂର୍ବରୁ ଅନୁଭୂତି ଦ୍ୱାରା ସିକ୍ତ ହୋଇଯିବାରେ ଯଥାର୍ଥତା ପାଏ 'ନେଲି ଗଣହତ୍ୟା' ନେଇ ରିପୋର୍ଟ ଓ ପରବର୍ତ୍ତୀ ଅନୁସନ୍ଧାନ ହେଉଛି ସେହି ରୋମାଞ୍ଚର ଦୃଷ୍ଟାନ୍ତ, ଯାହା ସାମ୍ବାଦିକତାକୁ ମାର୍କ୍ୱେଜ୍ କହିଥିବା ଭଳି ପୃଥିବୀର ସର୍ବୋତ୍ତମ ବୃତିରେ ପରିଣତ କରିଥାଏ। ସେଥି ଲାଗି ଧ୍ରୁବ ତାରାକୁ ନିଘା କରି ମାର୍ଗ ଅନ୍ୱେଷଣ କରିବାର ସାମର୍ଥ୍ୟ ମଧ୍ୟ ଲୋଡ଼ା ପଡ଼ିଥାଏ, ଯାହାର ଉଦାହରଣ ଅନେକ ବିଚକ୍ଷଣ ଓ ପ୍ରବୀଣ ସାମ୍ବାଦିକମାନେ ଆମ ଲାଗି ରଖି ଦେଇ ଯାଇଛନ୍ତି। ୧୯୯୭ ମସିହା, ମାର୍ଚ୍ଚ ମାସରେ ଏକ ସମ୍ମାନାସ୍ପଦ ତ୍ରୈମାସିକ ପତ୍ରିକା 'ଇନ୍‌ଡେକ୍ସ ଅନ୍ ସେନ୍‌ସରସିପ୍'ରେ ସାହିତ୍ୟ ସକାଶେ ନୋବେଲ ପୁରସ୍କାର ପାଇଥିବା କଳମ୍ବୀୟ ଲେଖକ ଗାବ୍ରିଏଲ୍ ଗାର୍ସିଆ ମାର୍କ୍ୱେଜ୍‌ଙ୍କ ଦ୍ୱାରା ରଚିତ ଯେଉଁ ଏକ କ୍ଷୁଦ୍ର ଅଥଚ ମନୋଜ୍ଞ ପ୍ରବନ୍ଧ ପ୍ରକାଶିତ ହୋଇଥିଲା, ତାହାର ଶୀର୍ଷକ ଥିଲା 'ଦ ବେଷ୍ଟ ଜବ୍ ଇନ୍ ଦ ୱାର୍ଲଡ୍' ଅର୍ଥାତ୍ 'ପୃଥିବୀର ସର୍ବୋତ୍ତମ ବୃତ୍ତି', ଯହିଁରେ ତାଙ୍କ ଆତ୍ମ ଚାତୁଣରେ ସେ ଗ୍ରହଣ କରିଥିବା ସାମ୍ବାଦିକ ବୃତ୍ତି ଓ ତାଙ୍କ ଜୀବନଶୀ ମଧ୍ୟରେ ସାମ୍ବାଦିକତା କ୍ଷେତ୍ରରେ ପରିଥିବା ବିବର୍ତ୍ତନ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେହି ଆଲେଖ୍ୟରେ ସେ ଯାହା କହିଥିଲେ, ତା'ର ସାରାଂଶ ହେଲା, ସାମ୍ବାଦିକତା ଲାଗି ସ୍କୁଲ, ପାଠ୍ୟକ୍ରମ, ପ୍ରଶିକ୍ଷଣ ଓ ପ୍ରଯୁକ୍ତି ଇତ୍ୟାଦିର ଆବିର୍ଭାବ ଘଟି ଏହି କ୍ଷେତ୍ରରେ ବିପୁଳ ପରିବର୍ତ୍ତନ ଘଟାଇଛି ସତ, କିନ୍ତୁ ଏକ ଅନୁସନ୍ଧିତ୍ସୁ ମନ ନେଇ କାଫେଟେରିଆରୁ ଆରମ୍ଭ କରି ଗୁଳିଖଟି ପର୍ଯ୍ୟନ୍ତ ସର୍ବତ୍ର ଖବର ଖୋଜି, ବିକ୍ଷିପ୍ତ ଭାବେ ପଡ଼ିଥିବା ତଥ୍ୟାଂଶ ଗୋଟାଇ ଓ ସେ ସବୁକୁ ଖଞ୍ଜି ଏକ ପ୍ରାଗୈତିହାସିକ ଡାଇନୋସର କଙ୍କାଳ ଗଢ଼ିବାର ବ୍ୟଗ୍ରତା, ରୋମାଞ୍ଚ, ଶିହରଣ ଓ ଉଲ୍ଲାସ ଅନେକାଂଶରେ ନିଷ୍ପ୍ରଭ ହୋଇଯାଇଛି। କହିବା ବାହୁଲ୍ୟ, ସାମ୍ବାଦିକତାର କୌଣସି ତାଲିମ ନ ନେଇ ଓ ଆଘ୍ରାଣ କରି ଖବର ବାରି ପାରୁଥିବା ନାସିକାଟିକୁ ପୁଞ୍ଜି କରି ଯେଉଁମାନେ ଆଜିକୁ ପାଞ୍ଚ ବା ଛଅ ଦଶନ୍ଧି ପୂର୍ବେ ଏହି ବୃତ୍ତିକୁ ଲମ୍ଫ ପ୍ରଦାନ କରିଥିଲେ, ସେମାନେ ଊଣାଅଧିକେ ମାର୍କବେଓ୍ୱଙ୍କ ସହିତ ଏକମତ ହେବେ। କିନ୍ତୁ, ଆଉ ଏକ ବାସ୍ତବତା ହେଲା ଅନେକ ଯୁବ ସାମ୍ବାଦିକ ଏଭଳି ମତକୁ ଅହେତୁକ ଭାବେ ଅତୀତାଶ୍ରୟୀ ଭାବପ୍ରବଣତା ବୋଲି ମଧ୍ୟ ଆଖ୍ୟା ଦେଇପାରନ୍ତି ! ଏଭଳି ସ୍ଥଳେ ଏ ସଂଦର୍ଭରେ ଏକ ଆଲୋଚନା କରାଯାଇପାରେ। ଏହି ପରିପ୍ରେକ୍ଷୀରେ ଆମକୁ ଏକଚାଳିଶ ବର୍ଷ ତଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ହେବ, କାରଣ ସେଇଠି ଗୋଟିଏ ଦୃଷ୍ଟାନ୍ତ ଆଖିରେ ପଡୁଛି। ୧୯୮୩ ମସିହା ଫେବ୍ରୁଆରି ମାସ। ସେହି ମାସରେ ଆସାମରେ ଘଟିଥିଲା ଅବର୍ଣ୍ଣନୀୟ ଭାବେ ବୀଭତ୍ସ 'ନେଲି ଗଣହତ୍ୟା', ସ୍ୱାଧୀନତୋତର ଭାରତରେ ଏଭଳି ପେ ?ଶାଚିକତାର ଦ୍ୱିତୀୟ ଦୃଷ୍ଟାନ୍ତ ଏ ଯାବତ୍ ନାହିଁ, ଯହିଁରେ ପ୍ରାୟ ପନ୍ଦର ଦିନର ସୁନିୟୋଜିତ ଗଣହତ୍ୟାରେ ଲାଲୁଙ୍ଗ ଜନଜାତିର ଉତ୍‌କ୍ଷିପ୍ତ ଭିଡ଼ ହାତରେ ପ୍ରାଣ ହରାଇଥିଲେ ୩୦୦୦ରୁ ଅଧିକ ବାଂଲାଦେଶୀ, ପ୍ରମୁଖ ଭାବେ ବାଂଲାଦେଶୀ ମୁସଲମାନ। ସେତେବେଳକୁ ଆସାମ ଏକ ନିର୍ଘଣ୍ଟ ନିର୍ବାଚନର ଦ୍ୱାରଦେଶରେ ଏବଂ 'ଗୋଷ୍ଠୀ ନିରପେକ୍ଷ ଦେଶର ଶିଖର ସମ୍ମିଳନୀ'ର ଆୟୋଜକ ଥାଏ ଭାରତ। ସୁତରାଂ, ଦେଶର ଭାବମୂର୍ତ୍ତିକୁ ମଳିନ କଲା ଭଳି ଏଭଳି ଏକ ଘଟଣାକୁ ଚପାଇଦେବା ଲାଗି ସରକାରଙ୍କ ପକ୍ଷରୁ ସଘନ ପ୍ରୟାସ ଚାଲିଥାଏ। କିନ୍ତୁ, ସେ ସମୟରେ 'ଏକ୍ସପ୍ରେସ୍ ଗ୍ରୁପ୍' ପକ୍ଷରୁ ଶିଲଂରେ ଅବସ୍ଥାପିତ ପ୍ରଖ୍ୟାତ ସାମ୍ବାଦିକ ତଥା ସଂପାଦକ ଶେଖର ଗୁପ୍ତାଙ୍କ ଦ୍ୱାରା ପ୍ରେରିତ ପ୍ରତ୍ୟକ୍ଷଦର୍ଶୀ ଅନୁଭୂତି ସଂବଳିତ ଲୋମହର୍ଷଣକାରୀ ସମ୍ବାଦ ଓ ଆଲେଖ୍ୟମାନ 'ଦ ଇଣ୍ଡିଆନ୍ ଏକ୍ସପ୍ରେସ୍'ରେ ପ୍ରକାଶିତ ହୋଇ ସରକାରଙ୍କ ଲାଗି ଅସ୍ୱସ୍ତିର କାରଣ ମଧ୍ୟ ହେଉଥାଏ। ସେହି ଅନୁଭୂତିକୁ ସ୍ମରଣ କରି କରି ୨୦୨୩ ମସିହା, ଫେବ୍ରୁଆରି ମାସରେ (ନେଲି ଗଣହତ୍ୟାର ଚାଳିଶ ବର୍ଷ ପୂରଣ ପରିପ୍ରେକ୍ଷୀରେ) 'ଦ ପ୍ରିଣ୍ଟ'ରେ ଶେଖର ଗୁପ୍ତାଙ୍କ ଦ୍ୱାରା ପ୍ରସାରିତ ହୋଇଥିଲା ତିନିଟି ଅତ୍ୟନ୍ତ ହୃଦୟଗ୍ରାହୀ ଅଧ୍ୟାୟ, ଯହିଁରୁ ସାମ୍ବାଦିକତାର ଶିକ୍ଷାନବୀଶମାନଙ୍କ ଲାଗି ଏଭଳି ଶିକ୍ଷାର ସୁଯୋଗ ରହିଛି, ଯାହା କୌଣସି ପାଠ୍ୟକ୍ରମରୁ ହୁଏତ ଉପଲବ୍ଧ ହୋଇ ନ ପାରେ ! 'ନେଲି ଗଣହତ୍ୟା' ଘଟଣାର ତିନି ମାସ ପରେ ଶେଖର ଗୁପ୍ତାଙ୍କ ପାଖକୁ ବରିଷ୍ଠ ସାମ୍ବାଦିକ ଓ ସଂପାଦକ ଅରୁଣ ସୌରୀଙ୍କ ଠାରୁ ଏକ ଫୋନ୍ ଆସେ; ସୌରୀଙ୍କ ଉଦ୍ଦେଶ୍ୟ ହେଲା ଗଣହତ୍ୟା ସଂଘଟିତ ହେବାର ଅନ୍ତତଃ ତିନି ଦିନ ପୂର୍ବରୁ କୌଣସି ଜଣେ ପୁଲିସ କର୍ମଚାରୀଙ୍କ ଦ୍ୱାରା ପ୍ରେରଣ କରାଯାଇଥିବା ସତର୍କତାମୂଳକ ବାର୍ତ୍ତାକୁ କିଭଳି ଉଚ୍ଚ ସରକାରୀ ସ୍ତରରେ ନଜରଅନ୍ଦାଜ କରାଯାଇଥିଲା, ତାକୁ ସପ୍ରମାଣ ସାବ୍ୟସ୍ତ କରିବା। ଘଟଣାଟି ଉପରେ କମ୍ପନ ଘୋଡ଼ାଇଦେବାର ସମସ୍ତ ସରକାରୀ ପ୍ରୟାସ ସତ୍ତ୍ୱେ ଏ ନେଇ ଏକ ଅସ୍ପଷ୍ଟ ସୂଚନା ଫୁଟି ବାହାରୁଥିଲା, କିନ୍ତୁ ତାହାକୁ ସାବ୍ୟସ୍ତ କରିବାକୁ କେଉଁଠି ହେଲେ କୌଣସି ମାତ୍ର ଚିହ୍ନ ବା ଇଙ୍ଗିତ ନ ଥିଲା। ସୁତରାଂ, ଗଭୀର ଅନୁସନ୍ଧାନ ଲାଗି ସୌରୀ ଶେଖର ଗୁପ୍ତାଙ୍କ ସହାୟତା ଲୋଡୁଥିଲେ। ସରକାରୀ ପ୍ରକ୍ରିୟା ସହିତ ସୁପରିଚିତ ଅରୁଣ ସୌରୀ ସୁନିଶ୍ଚିତ ଥିଲେ ଯେ ଏଭଳି କୌଣସି ଘଟଣା ଘଟିବା ପୂର୍ବରୁ ତଳ ପାହ୍ୟାର କୌଣସି ନା କୌଣସି କର୍ମଚାରୀ ଏ ବାବଦରେ ସତର୍କ କରାଇ ଦେଇଥିବେ, କାରଣ ପ୍ରଶାସନ ଚଳାଇବା କାଳରେ ଦୈବାତ୍ କୌଣସି ବିବାଦ ସୃଷ୍ଟି ହେଲେ ତା କାର୍ଯ୍ୟାନୁଷ୍ଠାନ ହେଲେ ଏହି ପଦକ୍ଷେପ ଦ୍ୱାରା ସେହି ସରକାରୀ କର୍ମଚାରୀ ଜଣକ ଅନ୍ତତଃ ବର୍ତ୍ତି ଯାଇପାରିବେ ! ଶେଣୁ ଏ କ୍ଷେତ୍ରରେ ଯଦିବା ବାର୍ତ୍ତାଟିଏ ଆସିଥିବ, ତାକୁ ଯେ ସରକାରୀ ଫାଇଲର ସ୍ତୂପ ତଳେ ପୋତି ଦିଆଯାଇଥିବ, ଏଥିରେ ସନ୍ଦେହ ନ ଥିଲା। ସମସ୍ତ ଉପଲବ୍ଧ ଗୁପ୍ତ ଓ ସୂଚନା ମାଧ୍ୟମରେ ତନ୍ନ ତନ୍ନ ଖୋଜାଯିବା ପରେ ସୁଦ୍ଧା କୌଣସି ଚିହ୍ନ ନ ଥିଲା !

Printed, Published, Edited and Owned by Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin: 769003

ବିଭିନ୍ନ ପ୍ରକଳ୍ପର ଜମି ଅଧିଗ୍ରହଣ ସମ୍ପର୍କରେ ରାଜସ୍ୱ କମିଶନରଙ୍କ ସମୀକ୍ଷା

ସମ୍ବଲପୁର, ୧୩/୩(ନି/ପ୍ର) : ଉତରାଂଚଳ ରାଜସ୍ୱ ବିଭାଗୀୟ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ବିଭିନ୍ନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଜାତୀୟ ରାଜପଥ, ରେଳବାଇ ଏବଂ ଜଳସେଚନ ପ୍ରକଳ୍ପ ପାଇଁ ଚାଲିଥିବା ଜମି ଅଧିଗ୍ରହଣ ପ୍ରକ୍ରିୟାର ସମସ୍ତ ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ବୈଠକରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ଜାତୀୟ ରାଜପଥର ସମ୍ପ୍ରସାରଣ ତଥା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଢେଙ୍କାନାଳ, ରାଉରକେଲା, କେନ୍ଦୁଝର ଏବଂ ସମ୍ବଲପୁର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅଧୀନରେ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ହୋଇଥିଲା । ଅନୁଗୁଳ-କଟକ, ବାନରପାଳ-ଗୋଡ଼ିବନ୍ଧ ଏବଂ ତାଳଚେର-ଡୁବୁରୀ-ଚଣ୍ଡିଖୋଲ, ବୀରମିତ୍ରପୁରରୁ ବ୍ରାହ୍ମଣୀ ବାଇପାସ୍, ରାଜମୁଣ୍ଡାରୁ ବାରକୋଟ୍ ଏବଂ କୋଇଡ଼ାରୁ ରାଜମୁଣ୍ଡା ସେକ୍ସନ, ଏନ୍ ୬ ର ସିଙ୍ଗଡ଼ା-ବିଞ୍ଜାବାହାଲ ଓ ବିଞ୍ଜାବାହାଲ-ତିଲେଇବଣି ସେକ୍ସନ ର ପାଣିକୋଇଲି-ରିମୁଳି ସେକ୍ସନ, ସମ୍ବଲପୁର ରିଙ୍ଗ ରୋଡ୍, ଅନୁଗୁଳ-ସମ୍ବଲପୁର, ତିଲେଇବଣି-ସମ୍ବଲପୁର, ରେଢ଼ାଖୋଲ ବାଇପାସ୍ ଏବଂ ଅଇଁଠାପାଲି ଫ୍ଲାଏଓଭର ପ୍ରକଳ୍ପଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ପୂର୍ତ୍ତ ବିଭାଗ ଅଧୀନରେ ଥିବା ଜାତୀୟ ରାଜପଥ ୨୬ର ବରପାଲିରୁ ବରାହ, ବଲାଙ୍ଗୀର ପର୍ଯ୍ୟନ୍ତ ପ୍ରଶସ୍ତିକରଣ, ଏନ୍‌ଏଚ୍ ୫୯ ର ସତିଘାଟରୁ ଚାରଭାଟା ଏବଂ ରିଗଡ଼ୋଲରୁ ବେଲଗାଁ (ବଲାଙ୍ଗୀର) ପର୍ଯ୍ୟନ୍ତ ଉନ୍ନତିକରଣ କାର୍ଯ୍ୟ, ରାଜ୍ୟର ଯୋଗାଯୋଗ ଯାତାୟାତ କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ଥିବା ପ୍ରମୁଖ ରେଳ ପ୍ରକଳ୍ପ ଗୁଡ଼ିକ ଯଥା- ଖୋର୍ଦ୍ଧା-ବଲାଙ୍ଗୀର, ସମ୍ବଲପୁର-ତାଳଚେର ଦୋହରୀକରଣ, ସମ୍ବଲପୁର-ଟିଟିଲାଗଡ଼ ଦୋହରୀକରଣ, ବୃନ୍ଦାମାଲ-ଝାରସୁଗୁଡ଼ା, ସାଲେଗାଁ-ବୁଢ଼ାପଙ୍କ ୪ର୍ଥ ଲାଇନ୍, ଅନୁଗୁଳ-ସୁକିନ୍ଦା ରାଂଚି-ବଣ୍ଡାମୁଣ୍ଡା, ବଣ୍ଡାମୁଣ୍ଡା ୪ର୍ଥ ଲାଇନ୍ ଏବଂ ତାଳଚେର-ବିମଳାଗଡ଼ ରେଳ ଲାଇନ୍ ପ୍ରକଳ୍ପ, ଜଳସେଚନ ପ୍ରକଳ୍ପ ଆନନ୍ଦପୁର ବ୍ୟାରେଜ୍, ଦେଓ ଜଳସେଚନ ପ୍ରକଳ୍ପ, ଲୋୟର ସୁକତେଲ ଏବଂ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ରେଙ୍ଗାଲି ଜଳସେଚନ ପ୍ରକଳ୍ପ, ରେଙ୍ଗାଲି ଦକ୍ଷିଣ କେନାଲ ବ୍ୟବସ୍ଥା ଏବଂ ହୀରାକୁଦ ପ୍ରକଳ୍ପର ଅତିରିକ୍ତ ସ୍ପିଲୱେ ନିର୍ମାଣ ଆଦିର ସମୀକ୍ଷା କରାଯାଇଥିଲା । ଉତରାଂଚଳ ରାଜସ୍ୱ ବିଭାଗୀୟ ଆୟୁକ୍ତ ସମ୍ପୃକ୍ତ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀମାନଙ୍କୁ ଜମି ଅଧିଗ୍ରହଣ ଜନିତ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସମ୍ବଲପୁର ଜିଲ୍ଲା ଠିକାଦାର ସଂଘ ପକ୍ଷରୁ ଶୋଭାଯାତ୍ରା କରି ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି

ଜିଲ୍ଲାସ୍ତରୀୟ ଶାନ୍ତି କମିଟି ବୈଠକ

ସାମ୍ପ୍ରଦାୟିକ ସଦ୍ଭାବ ରକ୍ଷା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ

ଝାରସୁଗୁଡ଼ା, ୧୩/୩(ନି/ପ୍ର) : ଝାରସୁଗୁଡ଼ା ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଗୃହ ପରିସରରେ ଆଜି ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି. ଆର ରାଘବେନ୍ଦ୍ର, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇଙ୍କ ସମେତ ପୋଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ସମ୍ପ୍ରଦାୟର ନେତୃବୃନ୍ଦ ଉପସ୍ଥିତ ଥିଲେ । ଆଗାମୀ ରାମ ନବମୀ ଓ ଅନ୍ୟାନ୍ୟ ପର୍ବକୁ ଦୃଷ୍ଟିରେ ରଖି ସହରରେ ଶାନ୍ତି ଓ ସାମ୍ପ୍ରଦାୟିକ ସଦ୍ଭାବ ବଜାୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ କଡ଼ା ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଶୋଭାଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଯାଇଥିବା ବେଳେ ସେହି ସମୟରେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ବିଶେଷ କରି ମୁସଲିମ୍ ସମ୍ପ୍ରଦାୟର ନମାଜ ପାଠ ସମୟ ଏବଂ ରାମ ନବମୀ ଶୋଭାଯାତ୍ରାର ସମୟ ମଧ୍ୟରେ ଯେପରି କୌଣସି ବିଭ୍ରାଟ ନହୁଏ, ସେଥିପାଇଁ ଧର୍ମଗୁରୁମାନଙ୍କ ସହ ସମନ୍ୱୟ ରକ୍ଷା କରି ସମୟ ନିର୍ଦ୍ଧାରଣ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ବୈଠକରେ ନିଷ୍ପତି ନିଆଯାଇଛି ଯେ, ଶୋଭାଯାତ୍ରା ସମୟରେ କୌଣସି ମାରଣାସ୍ତ୍ର ପ୍ରଦର୍ଶନ କରାଯାଇପାରିବ ନାହିଁ ଏବଂ ଡିଜେର ଶବ୍ଦ ସୀମା ୬୫ ଡେସିବେଲ ମଧ୍ୟରେ ରହିବ । ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ପୋଲିସ ପକ୍ଷରୁ ଡ୍ରୋନ୍ କ୍ୟାମେରା ଏବଂ ଚେନ୍ ସ୍ନାଚିଂ ରୋକିବା ପାଇଁ ସ୍ୱତନ୍ତ୍ର ଆଂଟି-ସ୍ନାଚିଂ ସ୍କ୍ୱାଡ୍ ମୁତୟନ କରାଯିବ । ବାଇକ ଶୋଭାଯାତ୍ରାରେ ଟ୍ରିପଲ ରାଇଡିଂ ଓ ଷ୍ଟଂଟ ପ୍ରଦର୍ଶନକୁ ବାରଣ କରାଯାଇଛି । ଏଥିସହ ପ୍ରଶାସନ ପକ୍ଷରୁ ନିରବଚ୍ଛିନ୍ନ ଜଳ ଯୋଗାଣ, ବିଦ୍ୟୁତ ସେବା ଏବଂ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ । ପ୍ରତ୍ୟେକ କମିଟିକୁ ସେମାନଙ୍କ ସ୍ୱେଚ୍ଛାସେବୀ ତାଲିକା ପ୍ରଶାସନ ନିକଟରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ଧାର୍ମିକ ପତାକାର ସମ୍ମାନଜନକ ବିସର୍ଜନ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି ।

ମାର୍ଚ୍ଚ ୧୪ରେ ଚଳିତ ବର୍ଷର ପ୍ରଥମ ଜାତୀୟ ଲୋକ ଅଦାଲତ

ଆସନ୍ତା ଶନିବାର ସିଭିଲ୍ କୋର୍ଟ ପରିସରରେ ହେବ ଶୁଣାଣି

ଝାରସୁଗୁଡ଼ା, ୧୩/୩(ନି/ପ୍ର) : ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ମାର୍ଚ୍ଚ ୧୪, ୨୦୨୬ (ଶନିବାର) ଦିନ ଚଳିତ ବର୍ଷର ପ୍ରଥମ 'ଜାତୀୟ ଲୋକ ଅଦାଲତ' ଅନୁଷ୍ଠିତ ହେବାକୁ ଯାଉଛି । ସାରା ଦେଶ ସମେତ ଝାରସୁଗୁଡ଼ା ଜିଲ୍ଲା ସିଭିଲ୍ କୋର୍ଟ ପରିସରରେ ପୂର୍ବାହ୍ନ ୧୦:୦୦ ଘଟିକାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନଙ୍କ ସୂଚନା ଅନୁସାରେ, ଏହି ଲୋକ ଅଦାଲତରେ କୋର୍ଟରେ ପଡ଼ି ରହିଥିବା ବିଭିନ୍ନ ବିଚାରାଧୀନ ମାମଲା ଏବଂ ପ୍ରି-ଲିଟିଗେସନ (କୋର୍ଟକୁ ଆସିବା ପୂର୍ବରୁ ଥିବା ବିବାଦ) ମାମଲାଗୁଡ଼ିକର ଆପୋଷ ସମାଧାନ କରାଯିବ । ବିଶେଷ କରି ବ୍ୟାଙ୍କ ଋଣ, ପାରିବାରିକ ବିବାଦ, ବିଦ୍ୟୁତ ଓ ପାଣି ବିଲ୍ ସମ୍ବନ୍ଧୀୟ ସମସ୍ୟା ଏବଂ ସାମାନ୍ୟ ଅପରାଧିକ ମାମଲାଗୁଡ଼ିକର ଶୀଘ୍ର ଫୈସଲା ପାଇଁ ସୁଯୋଗ ରହିଛି । ଏହି ଜାତୀୟ ଲୋକ ଅଦାଲତକୁ ସଫଳ କରିବା ପାଇଁ ସମସ୍ତ ଜନସାଧାରଣଙ୍କୁ ସୂଚନା ପ୍ରଦାନ ପୂର୍ବକ ସଚେତନ କରିବାକୁ ବିଭାଗ ପକ୍ଷରୁ ସମସ୍ତ ପକ୍ଷଙ୍କୁ ନିମନ୍ତ୍ରଣ କରାଯାଇଛି । ସାଧାରଣ ଜନତା ଏହାର ସୁଯୋଗ ନେଇ ନିଜର ବହୁଦିନର ବିବାଦକୁ ବିନା ଖର୍ଚ୍ଚରେ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ସମାଧାନ କରିବାକୁ ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି ।

ଜିଲା କଂଗ୍ରେସ ପକ୍ଷରୁ ଇଫତାର ପାର୍ଟି

ଭଦ୍ରକ, ୧୩/୩ (ନି/ପ୍ର) :ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ତରଫରୁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଏକ ଇଫତାର ପାର୍ଟିର କାର୍ଯ୍ୟକ୍ରମ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଅପରାହ୍ନ ୫ ଘଟିକା ସମୟରେ ଅୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ରୋଜା ରଖିଥିବା ଭାଇମାନେ ଯୋଗଦେଇଥିଲେ, ସଂନ୍ଧ୍ୟା ୬ ଘଟିକା ସମୟରେ ଜିଲ୍ଲା ସଭାପତି ନଳିନିକାନ୍ତ ମହାନ୍ତି ସେମାନଙ୍କୁ ଜଳପାନ କରାଇ ରୋଜା ଭାଙ୍ଗିଥିଲେ ଥିଲେ । ଏବଂ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଟାଉନ କଂଗ୍ରେସ ସଭାପତି ମୁକିତ ଖାନ ଜିଲ୍ଲା ସଭାପତି ନଳିନୀ କାନ୍ତ ମହାନ୍ତି, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସୁଧାକର ରାଉତ, ପୂର୍ବତନ ବିଧାୟକ ପଂଚାନନ ମଣ୍ଡଳ ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ନାରଣ ଚନ୍ଦ୍ର ପାଢ଼ୀ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦଙ୍କୁ ଫଳ ଖୁଆଇ ଥିଲେ । ଏଥିରେ ରୋଜା ରଖିଥିବା ଶତାଧିକ ଲୋକଙ୍କ ସହିତ ବହୁତ ସଧାରଣ ଲୋକ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମର ଜିଲ୍ଲା କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ବରିଷ୍ଠ ନେତା ପୀତବାସ ଧଳ, ଜିଲ୍ଲା କଂଗ୍ରେସ ଉପସଭାତି ପ୍ରଦ୍ୟୁମ୍ନ ଦାସ, ଜିଲ୍ଲା କୋଷାଧକ୍ଷ ବିଜୟ ବାରିକ, ରାଜ୍ୟ ଦଳିତ ସେଲ ସଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ଧାମନଗର ବ୍ଲକ ସଭାପତି

ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା : ଉଭୟ ଗାଡ଼ିର ଡ୍ରାଇଭର ମୃତ

ବରଗଡ଼, ୧୩/୩(ନି/ପ୍ର) : ସମ୍ବଲପୁର ଜାତୀୟ ରାଜପଥରେ ମୁହାଁମୁହିଁ ଧକ୍କାହେଲେ ଦୁଇ ଟ୍ରକ୍ । ଅତାବିରା - ଧର୍ମଶାଳା ଛକରେ ଦୁଇ ଟ୍ରକ ମଧ୍ୟରେ ଜୋରଦାର ଦୁର୍ଘଟଣା । ଦୁର୍ଘଟଣା ଏତେ ଭୟଙ୍କର ଯେ ଉଭୟ ଟ୍ରକ ଚୁରମାର ହୋଇଯାଇଛି । ଘଟଣାରେ ଉଭୟ ଟ୍ରକ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ହେଲପର ଆହତ ହୋଇଥିବା ସୂଚନା ରହିଛି ।ଗତକାଲି ବିଳମ୍ବିତ ରାତିରେ ଘଟିଛି ଏହି ଅଭାବନୀୟ ଘଟଣା । ଘଟଣା ସ୍ଥଳରେ ଦମକଳ ବାହିନୀ ଓ ପୁଲିସ ପହଚିଂ ଗାଡ଼ି ଭିତରୁ ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲକୁ ପଠାଇଥିଲା । ପରେ ଉଭୟ ଟ୍ରକ ଡ୍ରାଇଭରଙ୍କୁ ଗୁରୁତରଭାବେ ବୁର୍ଲା ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ତେବେ ହସ୍ପିଟାଲରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିବା ସୂଚନା ମିଳିଛି । ଜଣେ ଟ୍ରକ ଡ୍ରାଇଭର ବିହାର ରାଜ୍ୟର ହୋଇଥିବା ବେଳେ ତାଙ୍କ ନାମ ମହମଦ ଇସ୍ମାଇଲ ବୋଲି ତାଙ୍କ ସହଯୋଗୀ ହେଲପର କହିଥିବା ବେଳେ ଅନ୍ୟ ଡ୍ରାଇଭରଙ୍କ ପରିଚୟ ଏବେ ସୁଦ୍ଧା ଜଣାପଡ଼ିନାହିଁ । ବରଗଡ଼ ପଟରୁ ଡ଼ବ୍ଲୁ ୨୩ଏମ୍ ୯୭୮୬ ଓ ସମ୍ବଲପୁର ପଟରୁ ଏମ୍‌ଏଚ୍ ୪୦ ସିଟି ୮୩୪୫ ନମ୍ବର ଟ୍ରକ ଆସୁଥିଲା । ତେବେ କେଉଁ କାରଣରୁ ଓ କିଭଳି ପରିସ୍ଥିତିରେ ଉଭୟ ଟ୍ରକ ମୁହାଁମୁହିଁ ହେଲେ ତାକୁ ନେଇ ଅତାବିରା ପୁଲିସ ତଦନ୍ତ ଆରମ୍ଭ କରୁଛି ।

ବାଲିମେଳା କଳିଙ୍ଗ ବୈଶ୍ୟ ସଙ୍ଘ ତରଫରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି, ୧୩/୩(ନି/ପ୍ର) : ମାଲକାନଗିରି ଜିଲ୍ଲା ବାଲିମେଳାର ନିଳା ଦ୍ରୀନଗର ନିକଟରେ ଥିବା ସରଲୁକୋଣ୍ଡା ବ୍ୟାରେଜ ଠାରେ ବାଲିମେଳା କଳିଙ୍ଗ ବୈଶ୍ୟ ସଙ୍ଘ ତରଫରୁ ଆଜି ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଳିଙ୍ଗ ବୈଶ୍ୟର ମିଗ୍ ଅଂଚଳ କୁହାଯାଉଥିବା ୮ଟି ସଂଘର ସମସ୍ତ ସଦସ୍ୟ ସଦସ୍ୟା ମାନେ ଯୋଗ ଦେଇଥିଲେ ଯଥା : ଦାମନଯୋଡି, ସେମିଳିଗୁଡା, ଜୟପୁର, କାଲିମେଳା, ବୈପାରୀଗୁଡା, ସୁନାବେଡା, ଲମତାପୁଟ ଓ ବାଲିମେଳା ଯୋଗ ଦେଇଥିଲେ । ବାଲିମେଳା କଳିଙ୍ଗ ବୈଶ୍ୟ ସଙ୍ଘର ସଭାପତି ସିମାଦ୍ରି ଶ୍ରୀପତି ପୃଷ୍ଟି, ସଂପାଦକ ବି ବସନ୍ତ ପାତ୍ର, କୋଷାଧକ୍ଷ ଟି ନାଗେଶ୍ୱର ପାତ୍ର ଓ ଅନ୍ୟ ସଦସ୍ୟ ମାନେ ଏହି ଆୟୋଜନ କରିଥିଲେ । ମିଗ୍ ଅଂଚଳରୁ ଆସିଥିବା ଅଂଚଳ ସଭାପତି ଚିନାରି ରବି ନାରାୟଣ ପାତ୍ର, ଉପସଭାପତି ଟି ବିରଂଚି ନାରାୟଣ ପାତ୍ର, ସଂପାଦକ ଚିନାରୀ ଟୁନା ପାତ୍ର, ଉପ ସଂପାଦକ ପି ସନ୍ତୋଷ କୁମାର ପାତ୍ର, କୋଷାଧକ୍ଷ ଯାମି ଟୁନା ପାତ୍ର ସମେତ ମହିଳା ସଂଘର ଅଂଚଳ ସଭାପତି ଚିନାରି ଗୀତାଞ୍ଜଳି ପାତ୍ର ଓ ସଂପାଦକ ରିଙ୍କି ସେନାପତି ସମେତ ଆସିଥିବା ୮ଟି ପେଣ୍ଠର ସଭାପତି ବା ପୃଷ୍ଟି, ସଂପାଦକ, ବୟୋଜ୍ୟେଷ୍ଠ ଓ ଅନ୍ୟାନ୍ୟ ସଦସ୍ୟ ମାନଙ୍କୁ ଉତରୀୟ ଓ ଫୁଲ ଗୁଛା ଦେଇ ସ୍ୱାଗତ କରିବା ପରେ କଳିଙ୍ଗ ବୈଶ୍ୟର କୁଳଦେବି ମା ଶ୍ରୀ ଶ୍ରୀ କନ୍ୟକା ପରମେଶ୍ୱରିଙ୍କୁ ପୁଷ୍ପ ଅର୍ପଣ କରି, ନିରବ ପ୍ରାର୍ଥନା ପରେ ଅତିଥି ମାନେ ନିଜ ନିଜ ଆସନ ଗ୍ରହଣ କରିଥିଲେ । ଏହା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ସଭାରେ ବୈଶ୍ୟ ଜାତିର ଉନ୍ନତି, ସଙ୍ଘର ଉନ୍ନତି, ପରସ୍ପର ମଧ୍ୟରେ ଏକାଠି ହୋଇ ରହିବା, ଏପରି ଅନେକ ସମସ୍ୟା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ବର୍ତମାନ ସମୟରେ ବିବାହ ଯୋଗ୍ୟ ହୋଇଥିବା ପୁଅ କିମ୍ବା ଝିଅ ମାନଙ୍କ ପାଇଁ ଉପଯୁକ୍ତ ବର କନ୍ୟା ନେଇ ବିଶେଷ ଆଲୋଚନା ହୋଇଥିଲା । ବାଲିମେଳା କଳିଙ୍ଗ ବୈଶ୍ୟର ସଂଘର ସମସ୍ତ ସଦସ୍ୟ ଓ ସଦସ୍ୟା ମାନଙ୍କୁ ନେଇ ମହିଳା ସଂଘ ଓ ଯୁବକ ସଂଘର ନିର୍ବାଚନ ହୋଇଥିଲା । ଏଥିରେ ଯୁବକ ସଂଘର ସଭାପତି ଭାବେ ବି ଅରୁଣ କୁମାର ପାତ୍ର, ସଂପାଦକଟି ସତ୍ୟ ନାରାୟଣ ପାତ୍ର ଓ କୋଷାଧକ୍ଷ ଭାବେ ଏସ ସନ୍ତୋଷ ପାତ୍ର ନିର୍ବାଚିତ ହୋଇଥିବା ବେଳେ ମହିଳା ସଂଘର ସଭାନେତ୍ରୀ ବି ତାରାବାଇ ପାତ୍ର, ସଂପାଦକ ଡି ସନ୍ତୋଷି ପାତ୍ର ଓ କୋଷାଧକ୍ଷ ଭାବେ ପି ବୈଜନ୍ତି ପାତ୍ର ନିର୍ବାଚିତ ହୋଇଥିଲେ । ସମସ୍ତ ନବ ନିର୍ବାଚିତ ସଦସ୍ୟ ଓ ସଦସ୍ୟା ମାନଙ୍କୁ ଉତରୀୟ ଦେଇ ସମ୍ମାନିତ କରାଯାଇଥିଲା । ଏହାପରେ ନାଚ ଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ସବୁ ଆରମ୍ଭ ହୋଇଥିଲା !ଶେଷରେ ମିଗ୍ ଅଂଚଳରୁ ଆସିଥିବା ସମସ୍ତ ଅତିଥି ମାନଙ୍କୁ ବାଲିମେଳା କଳିଙ୍ଗ ବୈଶ୍ୟ ତର ଫରୁ ଧନ୍ୟବାଦ୍ ଜଣାଇବା ସହ ପ୍ରସାଦ ସେବନ ପରେ ସଭାଭଙ୍ଗ ହୋଇଥିଲା ।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଯାଜପୁର, ୧୩/୩ (ନି/ପ୍ର) : ଅନ୍ତର୍ଜାତୀୟ ମହିଳାଦିବସରେ ଆଫସା ଓ ସମ୍ବାଦ ଆମ ଓଡ଼ିଶା ପକ୍ଷରୁ କେବଳ ମହିଳା ରକ୍ତଦାତାଙ୍କୁ ନେଇ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ୟାସନଗର ସହରର ସେଟଂ ଜାଭିୟର ଇଂଟରନ୍ୟାସନାଲ ସ୍କୁଲ ପରିସରରେ ଏହି ଶିବିରଅନୁଷ୍ଠିତ ହୋଇଛି । କୋରେଇ ବିଧାୟକ ଆକାଶ ଦାସ ନାୟକ, ସମ୍ବାଦ ଓ କନକ ନ୍ୟୁଜ ସମ୍ପାଦକ ତନୟା ପଟ୍ଟନାୟକ, ସମ୍ବାଦ ଓ କନକ ନ୍ୟୁଜର ବାର୍ତା ସମ୍ପାଦକ ଭବାନୀଶଙ୍କର ତ୍ରିପାଠୀ, ମହାରାଜା ଯଯାତି କେଶରୀ ମେଡିକାଲ କଲେଜର ଅଧୀକ୍ଷକ ମନୋରମା ସ୍ୱାଇଁ, ଜି଼ଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, କୋରେଇ ବ୍ଲକ ଅଧକ୍ଷ ଜୟନ୍ତୀ ଦଳାଇ, ବରିଷ୍ଠ କଂଗ୍ରେସ ନେତ୍ରୀ ବନ୍ଦିତା ପରିଡା, ବିଜେଡି ନେତ୍ରୀ ସବିତା ରାଉତ ପ୍ରମୁଖ ସାମିଲ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଆଫସାର ଉପଦେଷ୍ଟା ଆଲେକଜାଣ୍ଡାର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ଅବସରରେ ଅତିଥିମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ।

କୁଟିଆ କନ୍ଧଙ୍କ ଅଭିଯୋଗ ଶୁଣିଲେ

ସ୍ୱାଧୀନତାର ୭୮ ବର୍ଷ ପରେ, ଜିଲ୍ଲାପାଳ ନିଜେ ପହଂଚି ଲୋକଙ୍କ ପାଖରେ ତଳେ ବସି ଲୋକଙ୍କ ଅଭିଯୋଗ ଶୁଣିଲେ

କନ୍ଧମାଳ, ୧୩/୩(ନି/ପ୍ର) :ବର୍ଷ ପରେ ଆଜି ଜଣେ ଯୁବ ଜିଲ୍ଲାପାଳ ବେଲଘରରେ ପହଂଚି ଆଦିମ ଜନଜାତି କୁଟିଆ କନ୍ଧ (ପିଭିଟିଜି)ମାନଙ୍କ ଅଭିଯୋଗ ଶୁଣିଛନ୍ତି । ବିଗତ ଦିନରେ ବାଇକରେ ଯାଇ କୁଟିଆ ଗାଁରେ ପହଂଚି ସମସ୍ୟା ଦେଖିବା ସହ ସରକାରଙ୍କ ଯୋଜନା ଦେଖି ଚର୍ଚ୍ଚାରେ ଥିବା କନ୍ଧମାଳ ଜିଲ୍ଲାପାଳଙ୍କ ଏହି ଜନଶୁଣାଣିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ଜିଲ୍ଲାପାଳଙ୍କ ପ୍ରୟାସକୁ ପ୍ରସଂଶା କରାଯାଉଛି । ଏହି ଜନଶୁଣାଣି ବେଲଘର ଠାରେ ଥିବା କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ବେଳେ ବେଲଘର, ଗୁମା, ଝିରିପାଣି ଓ ବିଲାମାଳ ପଂଚାୟତରେ ବସବାସ କରୁ ଥିବା ଆଦିମ ଜନଜାତି କୁଟିଆ କନ୍ଧ ମାନେ ସେମାନଙ୍କ ବ୍ୟକ୍ତି ଗତ ସାମୁହିକ ଭାବରେ ମୋଟ ୧୨୫ ଟି ସମସ୍ୟା ନେଇ ଜିଲ୍ଲାପାଳଙ୍କ ନିକଟରେ ପହଂଚିଥିଲେ । କିଭଳି ସରକାରଙ୍କ ଯୋଜନା ଠିକ ରେ ମିଳିପାରୁ ନହିଁ ଓ ଲୋକେ ବିଭିନ୍ନ ଯୋଜନାରୁ ବଂଚିତ ହେଉଛନ୍ତି ଏଭଳି ମାଳମାଳ ସମସ୍ୟା ଜିଲ୍ଲାପାଳଙ୍କ ହସ୍ତ ଗତ ହୋଇଥିଲା । ବ୍ୟକ୍ତିଗତ ଓ ସାମୁହିକ ୧୨୫ ଟି ଅଭିଯୋଗ କୁ ଜିଲ୍ଲାପାଳ ଗୁରୁତର ସହ ଶୁଣିଥିଲେ । ଏପରିକି ଗୁମ୍ମା ପଂଚାୟତରେ ଲୋକମାନଙ୍କ ପାଖରେ ତଳେ ବସି, କେଉଁ ଗାଁରେ ଶୁଦ୍ଧ ପାନୀୟ ଜଳର ସମସ୍ୟା ରହିଛି କେଉଁଠି ଲୋକଙ୍କୁ ଆବାସ ଯୋଜନରୁ ବଂଚିତ ହୋଇଛନ୍ତି । ସବୁଠାରୁ ବିଡମ୍ବନା ରହିଥିଲା ୬୦ରୁ ୭୦ ବର୍ଷର ବୃଦ୍ଧବୃଦ୍ଧାମାନେ ଏବେବି ଭତା ପାଇବାରୁ ବଂଚିତ ହୋଇ ରହିଛନ୍ତି । ବେଲଘର ପଂଚାୟତର ମାଦଲାକୁନାର ରଘୁ ବାରଡୁ ମାଝି ଭତା ପାଉଥିବା ବେଳେ ୧୧ ମାସ ହେଲା ବୟସ ତ୍ରୁଟି ଥିବାରୁ ଭତା ପାଉ ନାହାନ୍ତି ସେହି ଭଳି ଲଲକୁଟାଡୁ ମାଝି ମଧ୍ୟ ବୟସ ୭୦ ପହଂଚିଥିଲେ ମଧ୍ୟ ଭତାରୁ ବଂଚିତ ଅଛନ୍ତି କେବଳ ଏହି ଦୁଇ ଜଣ ନୁହନ୍ତି ଏଭଳି ବହୁ ବୃଦ୍ଧ ବୃଦ୍ଧା ଭତାରୁ ବଂଚିତ ରହିଥିବା ଦେଖିବାକୁ ମିଳିଥିଲା । ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଭୋଟର କାର୍ଡ ଓ ଆଧାରକାର୍ଡରେ ବୟସ ଠିକ ନଥିବାରୁ ଏଭଳି ବଂଚିତ ହେଉଥିବା ଜଣାପଡିଥିଲା । ଏହା ପରେ ଜିଲ୍ଲାପାଳ ବେଦ ଭୂଷଣ ଏକ ଏହାକୁ ଗୁରୁତର ସହ ନେଇ ଡାକ୍ତର ଟିମ ଏହାର ଅନୁଧ୍ୟାନ କରି ଭୋଟର କାର୍ଡ ଓ ଆଧାରକାର୍ଡରେ ଖୁବ ଶୀଘ୍ର ବୟସ ସଂଶୋଧନ କରାଯିବା ସହ ଭତା ଦେବା ପାଇଁ କହିଥିଲେ । ଜିଲ୍ଲାପାଳଙ୍କ ସହ କନ୍ଧମାଳ ଜିଲ୍ଲାପ୍ରକଳ୍ପ ଅଧିକାରୀ ଶମ୍ଭୁ ନାଥ ନନ୍ଦୀ, ଉପଜିଲ୍ଲାପାଳ ପ୍ରଣିତା ଦାସ, ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ କୃପା ସିନ୍ଧୁ ବେହେରା, ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ସାମିଲ ହୋଇଥିଲେ । ବେଲଘର ଠାରେ ଏଭଳି କିଛି ମାସ ବ୍ୟବଧାନରେ ଜନଶୁଣାଣି କରାଗଲେ ଲୋକଙ୍କ ସମସ୍ୟା ଦୂର ହୋଇ ପାରିବ ବୋଲି ବ୍ଲକ ଅଧକ୍ଷ ବାସନ୍ତୀ ମାଝି, ସରପଂଚ ଗୋବିନ୍ଦ ମାଝି, ଗୁମା ସରପଂଚ ସାଞ୍ଜୁ ମଲ୍ଲିକ ଓ ବିଲାମାଳ ସରପଂଚ ବାବିତା ମାଝି କହିଛନ୍ତି ।

ବାଙ୍କମୁହାଁ ଗ୍ରାମରେ ଶ୍ରୀ ଶ୍ରୀ ପଂଚମୁଖୀ ହନୁମାନଜୀଙ୍କ ବାର୍ଷିକ ଉତ୍ସବ

ଭଦ୍ରକ, ୧୩/୩(ନି/ପ୍ର) : ଏହି ଜିଲାର ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଙ୍କମୁହାଁ ଗ୍ରାମ ଠାରେ ପବିତ୍ର ଶ୍ରୀ ଶ୍ରୀ ପଂଚମୁଖୀ ହନୁମାନ ଜୀଙ୍କ ବାର୍ଷିକ ଉତ୍ସବ ଭକ୍ତିମୟ ପରିବେଶରେ ମହା ଆଡ଼ମ୍ବର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୂର୍ଣ୍ଣାହୂତି, ସୁନ୍ଦରକାଣ୍ଡ ପାଠ ଓ ଭୁବନେଶ୍ୱରର ଦିବ୍ୟାଙ୍ଗ କଳାକାରମାନଙ୍କ ଭଜନ ସମାରୋହ ଆୟୋଜିତ ହୋଇଥିବାରୁ ସମଗ୍ର ପରିବେଶ ଭକ୍ତି ଓ ଆଧ୍ୟାତ୍ମିକତାରେ ଭରିଯାଇଥିଲା । ଏହି ପବିତ୍ର ଉତ୍ସବରେ ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୁହିକ ବିବାହ : ସାମୁହିକ ବିବାହରେ ୬୧ ଯୋଡ଼ିଙ୍କ ବିବାହ

ସୁନ୍ଦରଗଡ଼,୧୩/୩(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା (ଗକଇଣ) ଅଧୀନରେ ଜିଲ୍ଲାସ୍ତରୀୟ ସାମୁହିକ ବିବାହ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ଶଙ୍କରା ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏହି ସାମୁହିକ ବିବାହ କାର୍ଯ୍ୟକ୍ରମରେ ଜିଲ୍ଲାର ୬୧ ଯୋଡ଼ି ଅଂଶ ଗ୍ରହଣ କରି ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପ ଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସୁଚିତା ପଣ୍ଡା ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ବିବାହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ସାମୁହିକ ବିବାହ କାର୍ଯ୍ୟକ୍ରମରେ ମୋଟ ୬୧ ଯୋଡି ନିଜ ନିଜ ପିତାମାତା ଓ ପରିଜନମାନଙ୍କ ସହିତ ଯୋଗଦେଇ ପାରମ୍ପରିକ ରୀତିନୀତି ଅନୁସାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଉପସ୍ଥିତ ସମସ୍ତ ଅତିଥିମାନେ ନବଦମ୍ପତିଙ୍କୁ ଶୁଭଆଶୀର୍ବାଦ ପ୍ରଦାନ କରିବା ସହିତ ପରସ୍ପର ସମ୍ମାନ ଓ ବୁଝାମଣା ସହିତ ସୁଖମୟ ଦାମ୍ପତ୍ୟ ଜୀବନ ଯାପନ କରିବାକୁ ଆଶୀର୍ବାଦ ତଥା ପରାମର୍ଶ ଦେଇଥିଲେ। ପରେ ପରେ ନବ ଦମ୍ପତିମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଚେକ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ସାମାଜିକ ଅନୁଷ୍ଠାନ ଦିଶା (ଉଓଝଐଇ) କାର୍ଯ୍ୟନ୍ୱୟନ ସଂସ୍ଥାଙ୍କ ଦ୍ୱାରା ସଫଳତାର ସହ ଆୟୋଜିତ ହୋଇଅଛି। ଏଠାରେ ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଝିଅ ବାହାଘର ନିମନ୍ତେ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ମୋଟ ୬୦ ହଜାର ସହାୟତା ରାଶିରୁ ୪୫ ହଜାର ହିତାଧିକାରୀଙ୍କ ଆକାଉଟଂକୁ ଡିବିଟି ମାଧ୍ୟମରେ ସିଧାସଳଖ ହସ୍ତାନ୍ତର କରାଯିବ ଏବଂ ୧୫ ହଜାର ଟଙ୍କା ବିବାହ ସାଜସଜ୍ଜା ନିମନ୍ତେ ପ୍ରଦାନ କରାଯିବ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଥିବା ପରିବାରଗୁଡ଼ିକୁ ଏହି ଯୋଜନା ଅନ୍ତର୍ଗତ ବିବାହ ଆୟୋଜନ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ଯୋଜନାର ମାର୍ଗଦର୍ଶିତା ଅନୁଯାୟୀ ଝିଅର ବୟସ ୧୮ ବର୍ଷରୁ ୩୫ ବର୍ଷ ଏବଂ ପୁଅର ବୟସ ୨୧ ବର୍ଷରୁ ୩୫ ବର୍ଷ ହୋଇଥିବା ଆବଶ୍ୟକ। ପ୍ରଥମ ଥର ବିବାହ କରୁଥିଲେ ଏହି ଯୋଜନାରେ ଅର୍ନ୍ତଭୁକ୍ତ ହୋଇପାରିବେ। ସେହିଭଳି ବିଧବା ମହିଳାଙ୍କ ପୁନଃ ବିବାହ ପାଇଁ ମଧ୍ୟ ଏହି ସହାୟତା ପ୍ରଦାନ କରାଯିବ। ସେହିଭଳି ବିଧବା, ଭିନ୍ନକ୍ଷମ, ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ (ଚଠଞଏ), ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି , ନିମ୍ନ ଆୟ ଥିବା ପରିବାରଗୁଡ଼ିକୁ ଏହି ଯୋଜନାରେ ପ୍ରାଥମିକତା ପ୍ରଦାନ କରାଯିବ।

ଲାଂଚ ନେଇ ଧରାପଡ଼ିଲେ ଥାନା ଏଏସଆଇ :
୨୫ ହଜାର ନେଲା ବେଳେ ମାଡ଼ିବସିଲା ଭିଜିଲାନ୍ସ

ସୁନ୍ଦରଗଡ,୧୩/୩(ନି/ପ୍ର): ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଓଡ଼ିଶା ଭିଜିଲାନ୍ସର କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନାରେ କାର୍ଯ୍ୟରତ ଆସିଷ୍ଟାଂଟ ସବ୍-ଇନ୍ସପେକ୍ଟର (ଇଝଓ) ଅରୂପାନନ୍ଦ ଦାସ ଲାଂଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ଜଣେ ଢାବା ମାଲିକଙ୍କୁ ଏକ ମାମଲାରେ ସାହାଯ୍ୟ କରିବା ଏବଂ ତାଙ୍କ ବ୍ୟବସାୟ ବିନା ବାଧାରେ ସୁରୁଖୁରୁରେ ଚଳାଇ ଦେବା ପାଇଁ ଏଏସଆଇ ଶ୍ରୀ ଦାସ ୨୫,୦୦୦ ଟଙ୍କା ଲାଂଚ ଦାବି କରିଥିଲେ। ଗତକାଲି ଏହି ଲାଂଚ ଟଙ୍କା ଗ୍ରହଣ କରୁଥିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ରଙ୍ଗେ ହାତରେ ଧରିଥିଲା। ତାଙ୍କୁ ଆଜି କୋର୍ଟ ଚାଲାଣ କରାଯାଉଛି। ଏହି ଘଟଣାରେ ତାଙ୍କ ବିରୋଧରେ ରାଉରକେଲା ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୧/୧୧.୦୩.୨୦୨୬, ଧାରା-୭ଚଉ (ଇଙ୍କରଭୟଙ୍କରଭସ୍ପ) ଇମସ୍ପ, ୨୦୧୮ ଅନୁଯାୟୀ ମାମଲା ରୁଜୁ ହୋଇଛି। ଲାଂଚ ନେଇ ଧରାପଡ଼ିବା ପରେ ତୁରନ୍ତ ଭିଜିଲାନ୍ସ ଅଧିକାରୀମାନେ ଶ୍ରୀ ଦାସଙ୍କ ସହ ଜଡ଼ିତ ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲେ। ଖାନତଲାସୀ ସମୟରେ ତାଙ୍କ ଭୁବନେଶ୍ୱର ଏବଂ ବଡ଼ଗାଁ ସ୍ଥିତ ସରକାରୀ ବାସଭବନରୁ ମୋଟ ୩,୩୧,୩୧୬ ଟଙ୍କା ନଗଦ ଉଦ୍ଧାର କରାଯାଇ ଜବତ କରାଯାଇଛି। ତଦନ୍ତ ବେଳେ ଏହି ପୋଲିସ ବାବୁଙ୍କ ବିଦେଶ ଗସ୍ତର ତଥ୍ୟ ମଧ୍ୟ ସାମ୍ନାକୁ ଆସିଛି। ଗତ ବର୍ଷ ମେ ମାସରେ ସେ ଭିଏତନାମ ଗସ୍ତରେ ଯାଇଥିବା ଜଣାପଡ଼ିଛି। ଚଢ଼ାଉ ବେଳେ ତାଙ୍କ ପାଖରୁ ଭିଏତନାମ ଏବଂ ନେପାଳର କିଛି ବିଦେଶୀ ମୁଦ୍ରା ମଧ୍ୟ ଭିଜିଲାନ୍ସ ଜବତ କରିଛି। ଜଣେ ଏଏସଆଇ ପାହ୍ୟାର ଅଧିକାରୀଙ୍କ ପାଖରୁ ବିପୁଳ ନଗଦ ଟଙ୍କା ଏବଂ ବିଦେଶୀ ମୁଦ୍ରା ମିଳିବା ପରେ ଘଟଣାର ଅଧିକ ଖୋଳତାଡ଼ ଜାରି ରହିଛି।

ପୋଖରୀରେ ବୁଡ଼ି ୨ ସାଙ୍ଗ ମୃତ
କାନ୍ଦବୋବାଳିରେ ଫାଟି ପଡୁଛି ଗାଁ

ବାସୁଦେବପୁର,୧୩।୩(ନି/ପ୍ର): ବାସୁଦେବପୁର ବ୍ଲକ ଅରଣ୍ଡୁଆ ମଲିକ ସାହିରେ ଅଘଟଣ । ପୋଖରୀରେ ବୁଡ଼ି ଚାଲିଗଲା ଦୁଇ କଅଁଳ ଶିଶୁ କନ୍ୟାଙ୍କ ଜୀବନ । ଅରଣ୍ଡୁଆ ମଲ୍ଲିକସାହି ଗ୍ରାମର ସତ୍ୟବ୍ରତ ବାରିକଙ୍କ ୧୦ ବର୍ଷର ଝିଅ ତପଦୀପା ଓ ଅନ୍ୟଜଣେ ବିଜୟ ବାରିକଙ୍କ ଝିଅ ଅର୍ଣ୍ଣପୂର୍ଣ୍ଣା ବୋଲି ଜଣାପଡ଼ିଛି । ଏହି ଦୁଇଜଣ ସାଙ୍ଗ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି । ଶୁକ୍ରବାର ସକାଳେ ଚାରି ୫ ଜଣ ସାଙ୍ଗ ହୋଇ ନିକଟସ୍ଥ ପୋଖରୀ ନିକଟକୁ ଖେଳିବାକୁ ଯାଇଥିଲେ । ସେଠାରେ ପୋଖରୀ ନିକଟରେ ଶାମୁକା ଖୋଜିବାକୁ ଚେଷ୍ଟା କରୁଥିବା ବେଳେ ଅସାବଧାନତାବସତଃ ପୋଖରୀରେ ପ୍ରଥମେ ତପଦୀପା ପଡ଼ି ଯାଇଥିଲେ । ଫଳରେ ପାଖରେ ଥିବା ଅର୍ଣ୍ଣପୂର୍ଣ୍ଣା ତାକୁ ବଚାଂଇବାକୁ ଯାଇ ସେ ମଧ୍ୟ ପଡ଼ି ଯାଇଥିଲା । ପାଖରେ ଥିବା ଅନ୍ୟମାନେ ଗାଁ ଲୋକଙ୍କୁ ଡାକ ପକାଇବା ସହିତ ପରିବାର ଲୋକଙ୍କୁ ଖବର ଦେଇଥିଲେ । ଫଳରେ ଗାଆଁ ଲୋକ ପହଚିଂ ତପଦୀପା ପୋଖରୀରେ ଭାସୁଥିବା ଦେଖି ତାକୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବାସୁଦେବପୁର ମେଡିକାଲରେ ଭର୍ନ୍ତି କରିଥିଲେ । ସେଠାରେ ଡାକ୍ତର ତାକୁମୃତ ଘୋଷଣା କରିଥିଲେ । ପରେ ଅନ୍ୟ ଜଣଙ୍କୁ ଖୋଜି ନ ପାଇବାରୁ ସ୍ଥାନୀୟ ଅଗ୍ନିଶମବାହିନୀକୁ ଖବର ଦେଇଥିଲେ । ପରେ ଅଗ୍ନିଶମ ବାହିନୀର କର୍ମଚାରୀ ପୋଖରୀରେ ଖୋଜାଖୋଜି କରି ତାଙ୍କୁ ଉଦ୍ଧାର ପରେ ମେଡିକାଲରେ ଭର୍ତି କରିଥିଲେ । ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି ।

ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର

ଭଦ୍ରକ,୧୩/୩(ନି/ପ୍ର): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ବାହାବଳପୁର ପଂଚାୟତ ଅଧିନ ଦୋହରା ସାହି ଶ୍ରୀ ସତ୍ୟ ସାଇ ସେବା ସମିତି ସେବା ଗ୍ରୁପର କର୍ମୀମାନଙ୍କ ଦ୍ୱାରା ଗ୍ରୀଷ୍ମ କାଳୀନ ରକ୍ତଦାନ ଶିବିର ପ୍ରେମ ସଂଜୀବନୀ ଗୁରୁବାର ଦୋହରାସାହିସ୍ଥିତ ଶ୍ରୀ ସତ୍ୟସାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ରକ୍ତଦାନ ଶିବିରରେ ମୋଟ ୩୭ୟୁନିଟ ରକ୍ତ ଭଦ୍ରକ ବ୍ଲଡ଼ବ୍ୟାଙ୍କ ଦ୍ୱାରା ସଂଗ୍ରହ କରାଯାଇଥିଲା ଭଦ୍ରକ ବ୍ଲଡ଼ବ୍ୟାଙ୍କ କର୍ମଚାରୀ ଲିଲିମା ସ୍ୱାଇଁ, ତରଣୀ ସେନ ଜେନା, ବଳରାମ ପୁହାଣ ଓ ସେକ ବୁଦ୍ଧିଆ ରକ୍ତଦାତା ମାନଙ୍କର ରକ୍ତ ନମୁନା ଓ ରକ୍ତ ସଂଗ୍ରହ କରିଥିଲେ । ଭଦ୍ରକ ଶ୍ରୀ ସତ୍ୟସାଇ ବିଦ୍ୟା ବିହାର ସମ୍ପାଦକ ପାର୍ଥସାରଥୀ ନାୟକ, ତିହିଡି ସମିତିର ଆବାହକ ସଞ୍ଜୟ ମହାପାତ୍ର,ଦୋହରାସାହି ସେବା ଗ୍ରୁପ ଆବାହକ, ଲକ୍ଷ୍ମୀଧର ବାରିକ, ରମାକାନ୍ତ ନାଥ, ହିମାଂଶୁ ନାୟକ, ମନୋଜ ଦାସ, ଜଗବନ୍ଧୁ ମାଝୀ, ଶଶୀକାନ୍ତ ବେହେରା, ପ୍ରଦୀପ ବାରିକ ଶରତ ବେହେରା, ମୁରଲୀ ମାଝୀ, କୁଳମଣି ବାରିକ, ଚନ୍ଦନ ମାଝୀ, ଅନାଦି ବେହେରା, ଅର୍ଚ୍ଚନା ବାରିକ, ମନ୍ଦାକିନୀ କବି ପ୍ରମୁଖ ଉକ୍ତ ରକ୍ତଦାନ ଶିବିରରେ ସହଯୋଗ କରିଥିଲେ।

ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ପାଳିତ

ରାଉରକେଲା,୧୩/୩(ନି/ପ୍ର): ଭାଷା ଓ ଜାତିକୁ ନେଇ ଓଡ଼ିଶାର ଅସ୍ମିତା, ସମଗ୍ର ବିଶ୍ୱରେ ପରିଚିତ। ଏହାର ସଂସ୍କୃତି ଓ ଭାଷାର ପ୍ରାଚୀନତା ବହୁ ସମୃଦ୍ଧ ଓ ପୁରାତନ ବୋଲି ଉତ୍କଳ ସମ୍ମିଳନୀ ଓ ବାସନ୍ତୀ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ପାଳନ ଅବସରରେ ବକ୍ତାମାନେ ମତ ପୋଷଣ କରିଛନ୍ତି । ଉତ୍କଳ ସମ୍ମିଳନୀ ରାଉରକେଲା ଶାଖାର ସଭାପତି ସୁଦାମ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ବାସନ୍ତୀ ସାଂସ୍କୃତିକ ପରିଷଦରେ ଅନୁଷ୍ଠିତ ଏହି ଉତ୍ସବ ପାଳନ ଅବସରରେ ମୁଖ୍ୟବକ୍ତା ପ୍ରାଧ୍ୟାପକ ଶଙ୍କର ପ୍ରସାଦ ତ୍ରିପାଠୀ ବକ୍ତବ୍ୟ ରଖିଥିଲେ ଯେ, ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ବାର ବର୍ଷ ବିତିଯାଇଥିଲେ ମଧ୍ୟ ଆମେ ଆମର ମନୋଭାବକୁ ଦୃଢ଼ ଓ ସର୍ବୋଚ୍ଚ କରିପାରିନାହୁଁ କ୍ଷ ଓଡ଼ିଆ ଜାତି କୌଣସି ପ୍ରକାର ହୀନମନ୍ୟତାକୁ ପସନ୍ଦ କରେ ନାହିଁ । ମୁଖ୍ୟ ଅତିଥି ତଥା ଅସ୍ଥିଶଲ୍ୟ ଚିକିତ୍ସକ ଡା. ଉତମ କୁମାର ଜେନା ଓଡ଼ିଶାର ବୀରପୁତ୍ର ମାନଙ୍କର ବୀରତ୍ୱ ଓ ତ୍ୟାଗ ସମ୍ବନ୍ଧରେ ମନେ ପକାଇ କହିଥିଲେ ଯେ, ବୀରଭୂମି ଉତ୍କଳର ଦାୟାଦମାନେ ହିନମନ୍ୟତା ଠାରୁ ଦୂରେଇ ରହିବା ଉଚିତ। ସଭାପତି ସୁଦାମ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରି କହିଥିଲେ ଯେ, ସୀମାନ୍ତ ଓଡ଼ିଶା ପ୍ରତି ସମ୍ମିଳନୀ ସଜାଗ ଦୃଷ୍ଟି ରଖିଛି । ସେ ଭାଷା ଓ ଜାତିପାଇଁ ସମର୍ପିତ ମଧୁବାବୁଙ୍କ ତ୍ୟାଗ ଓ ମହନୀୟତା ସମ୍ପର୍କରେ ଆଲୋଚନା କରିଥିଲେ । ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ କହିଥିଲେ ଯେ, ଉତ୍କଳ ସମ୍ମିଳନୀ ସମଗ୍ର ଓଡ଼ିଆ ଜାତିର ମିଳନ ମଣ୍ଡପ। ଓଡ଼ିଶାର ଭାଷା ଏବଂ ଭୂଖଣ୍ଡକୁ ଅକ୍ଷୁର୍ଣ୍ଣ ରଖିବା ସମଗ୍ର ଓଡ଼ିଆମାନଙ୍କର ଧ୍ୟେୟ ହେବା ଉଚିତ । ମଂଚାସୀନ ଶାଖାର ଉପ ସଭାପତି ଚିନ୍ତରଂଜନ ଦାଶ, ନବଘନ ପାଣି, ବାସନ୍ତୀ ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ସଭାପତି ଭଗବାନ ମହାପାତ୍ର ପ୍ରମୁଖ ଶାସ୍ତ୍ରୀୟ ଭାଷା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଦସ୍ୟ ଜ୍ୟୋତ୍ସ୍ନା ନାୟକ, ସୌଭାଗ୍ୟବତୀ ସାହୁ, ଉତମ କୁମାର ବାରିକ, ଅଭିମନ୍ୟୁ ସ୍ୱାଇଁ,ଡ. ସୁବାସ ଲେଙ୍କା, ବିଜୟକୁମାର ସାହୁ, ଅଜୟ ପ୍ରଧାନ, ପ୍ରଦୀପ କୁମାର ମହାନ୍ତି, ସୁନୀଲ କୁମାର ମହାନ୍ତି, ଲକ୍ଷ୍ମଣ ପରିଡା ସହଯୋଗ କରିଥିବା ବେଳେ ବିଭିନ୍ନ ଅନୁଷ୍ଠାନରୁ କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ କ୍ଷ ଅନ୍ୟତମ ଉପ ସଭାପତି ଅନୀଲ କୁମାର ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

ଜଙ୍ଗଲୀ ହାତୀ ଭାଙ୍ଗିଦେଲା ରେଳ ଫାଟକର ବୁମ୍

ସୁନ୍ଦରଗଡ଼/ ବନ୍ଧମୁଣ୍ଡା,୧୩/୩(ନି/ପ୍ର): ଚକ୍ରଧରପୁର ରେଳମଣ୍ଡଳର ରାଉରକେଲା ରେଳଖଣ୍ଡ ଅଧୀନରେ ଥିବା କାଲୁଙ୍ଗା ଓ କାଂସବାହାଲ ରେଳ ଷ୍ଟେସନ ମଝିରେ ମଙ୍ଗଳବାର ରାତିରେ ଏକ ଜଙ୍ଗଲୀ ହାତୀ ହଠାତ୍ ପହଚିଂବାରୁ କିଛି ସମୟ ପାଇଁ ଆତଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୭ଟା ୪୫ ମିନିଟ୍ ସମୟରେ ଗୋଟିଏ ଜଙ୍ଗଲୀ ହାତୀ କିଲୋମିଟର ସଂଖ୍ୟା ୪୨୮/୧୮ ଓ ୪୨୮/୨୦ ମଧ୍ୟରେ ଥିବା ରେଳ ଫାଟକ ସଂଖ୍ୟା ୨୧୬ ନିକଟକୁ ଆସି ପହଚିଂଥିଲା। ସେଥିରେ ହାତୀଟି ତାହାର ସୁଣ୍ଡରେ ରେଳ ଫାଟକର ଏକ ବୁମ୍‌କୁ ଭାଙ୍ଗିଦେଇଥିବା କୁହାଯାଉଛି। ଘଟଣା ପରେ କିଛି ସମୟ ପର୍ଯ୍ୟନ୍ତ ହାତୀଟି ରେଳ ଫାଟକ ନିକଟରେ ରହିଥିବାରୁ ସେଠାରେ ଡ୍ୟୁଟିରେ ଥିବା ରେଳ କର୍ମଚାରୀମାନଙ୍କ ମଧ୍ୟରେ ଭୟର ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ହାତୀଟି ଧୀରେ ଧୀରେ ସେଠାରୁ ଜଙ୍ଗଲ ଦିଗକୁ ଚାଲିଯାଇଥିଲା। ଘଟଣା ବିଷୟରେ ସୂଚନା ମିଳିବା ସହିତ ରେଳ ପ୍ରଶାସନ ସତର୍କ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ କାଲୁଙ୍ଗା ଓ କାଂସବାହାଲ ରେଳବାଇ ଷ୍ଟେସନ ମଝିରେ ଟ୍ରେନମାନଙ୍କ ଗତିକୁ କମାଇ ୪୦ କିଲୋମିଟର ପ୍ରତି ଘଟାଂ କରାଯାଇଥିଲା। ଯାହା ଆଜି ସକାଳ ପ୍ରାୟ ୭ଟା ପର୍ଯ୍ୟନ୍ତ ଜାରି ରହିଥିଲା। ଏହି ଘଟଣାରେ କୌଣସି ପ୍ରାଣହାନି ହୋଇନଥିଲେ ମଧ୍ୟ ରେଳ ଫାଟକର କ୍ଷତି ହୋଇଛି। ରେଳ ବିଭାଗ ପକ୍ଷରୁ ଭାଙ୍ଗି ଯାଇଥିବା ବୁମ୍ ?ର ମରାମତି କାମ ଆରମ୍ଭ କରାଯାଇଛି।

ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି ଓ ବିତରଣରେ ଅବ୍ୟବସ୍ଥା ନେଇ କଂଗ୍ରେସ ପକ୍ଷରୁ ବିକ୍ଷୋଭ

ରାଉରକେଲା ୧୩/୩: ରନ୍ଧନ ଗ୍ୟାସ ଏବଂ କମର୍ସିଆଲ ଗ୍ୟାସର ମୂଲ୍ୟ ବୃଦ୍ଧି ତଥା ବିତରଣରେ ଅବ୍ୟବସ୍ଥା ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଏକ ସ୍ମାରକପତ୍ର ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ସାବିର ହୁସେନଙ୍କ ଅଧ୍ୟକ୍ଷତାରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ଦାବି କରାଯାଇଛି ଯେ ରୋଷେଇ ଗ୍ୟାସର ମୂଲ୍ୟ ବୃଦ୍ଧିକୁ ପ୍ରତ୍ୟାହାର କରାଯିବା ସହିତ ବିତରଣ ପ୍ରଣାଳୀରେ ଥିବା ଅବ୍ୟବସ୍ଥାକୁ ଦୂର କରାଯାଉ ବୋଲି ଦାବି କରାଯାଇଛି। ଜିଲ୍ଲା କଂଗ୍ରେସ ପକ୍ଷରୁ ଏହି ବିକ୍ଷୋଭରେ ଜିଲ୍ଲା କଂଗ୍ରେସ ସଭାପତି ସାବିର ହୁସେନ, ବି ଏନ୍ ପଟ୍ଟନାୟକ, ରଶ୍ମିରଞ୍ଜନ ପାଢୀ, ଜ୍ଞାନେନ୍ଦ୍ର ଦାସ, ଖଦେଲ ସେଠି, ବିରତନ ଦାସ, ବିନୋଦ ରାଉତ, ସନ୍ତୋଷ ବିଶ୍ୱାଳ, ଶ୍ରୀମତୀ ଝରଣା ତ୍ରିପାଠୀ, ବ୍ରଜବନ୍ଧୁ ତ୍ରିପାଠୀ, ଦିବ୍ୟଜ୍ୟୋତି ତ୍ରିପାଠୀ, ନରେନ୍ଦ୍ର ବର୍ମା, ମନୋଜ ପାଣିଗ୍ରାହୀ, ଶିବ ସୁନା, ଲକ୍ଷ୍ମୀପ୍ରିୟା ରାଉତ, ବରଦା ମହାନ୍ତି, ସୁନୀଲ ସିଂ, ସୁନୀଲ ପଟ୍ଟନାୟକ, ପ୍ରଦୀପ ସେଠ, ଅକ୍ଷୟ ଦାସ, ଧନୁର୍ଜୟ ମୁଣ୍ଡା, ଡେଭିଡ୍ ନବରଙ୍ଗୀ, ରଘୁନାଥ ଭୌମିକ, ଶ୍ୟାମ ସାଗର, ମହମ୍ମଦ ଗୁଲାମ, ବଲକର ସିଂ, ଭିକି ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରୀ ଶ୍ରୀ ବାବା ନାଗେଶ୍ୱରଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ଭଦ୍ରକ,୧୩/୩(ନି/ପ୍ର): ଏହି ଜିଲାର ଧାମନଗର ବ୍ଲକ ଅର୍ଜୁନପୁର ପଂଚାୟତ ର ବାଲିପାଟଣା ନିକଟସ୍ଥ ମଠସାହି ଗ୍ରାମରେ ପବିତ୍ର ବୈତରଣୀ ନଦୀ କୂଳରେ ଅବସ୍ଥିତ ଶ୍ରୀ ଶ୍ରୀ ବାବା ନାଗେଶ୍ୱର ଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶେଷ ହୋଇଯାଇଛି। ଚଳିତ ମାସ ୯ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଭକ୍ତି ମୟ କାର୍ଯ୍ୟକ୍ରମରେ ସମଗ୍ର ଅଂଚଳ ଉତ୍ସବମୁଖର ହୋଇଉଠିଥିଲା । ୯ ତାରିଖ ପ୍ରଥମ ଦିବସ ଶାସ୍ତ୍ରୀୟ ବିଧି ଅନୁଯାୟୀ ନୀତି ନିର୍ଦ୍ଧାରଣ, ମଣ୍ଡଳାଧିବାସ ଓ ଅଙ୍କୁର ରୋପଣ କାର୍ଯ୍ୟ ସହ ଅଧିବାସ କର୍ମ ସମ୍ପନ୍ନ ହୋଇଥିଲା । ୧୦ ତାରିଖ ଦ୍ୱିତୀୟ ଦିବସ ଏକ ଭକ୍ତିମୟ ପରିବେଶରେ ସଂକୀର୍ତ୍ତନ ମାଧ୍ୟମରେ ମହିଳାମାନଙ୍କ ଦ୍ୱାରା ଭବ୍ୟ କଳସ ଯାତ୍ରା ଓ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ମନ୍ଦିର ପରିସରରେ ଦେବଦେବୀଙ୍କ ସ୍ନାନ ଓ ଶୟନ ନୀତି କରାଯାଇଥିଲା । ୧୧ ତାରିଖ ତୃତୀୟ ଦିବସ ମନ୍ତ୍ରୋଚ୍ଚାରଣ ମଧ୍ୟରେ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା । ୧୨ ତାରିଖ ଶେଷ ଦିବସ ଭକ୍ତମାନେ ପ୍ରଭୁଙ୍କ 'ନବ ଯୌବନ ଦର୍ଶନ' କରିବା ସହ ପୂର୍ଣ୍ଣାହୁତିରେ ଅଂଶଗ୍ରହଣ କରିଥିଲେ । ପ୍ରତ୍ୟେକ ଦିନ ଭଜନ କୀର୍ତ୍ତନ ଓ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯାହା ଶ୍ରଦ୍ଧାଳୁଙ୍କ ମନରେ ଭକ୍ତିଭାବ ଜାଗ୍ରତ କରିଥିଲା।

ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଂଟ ଦ୍ୱାରା ଗ୍ରାମୀଣ ମହିଳାମାନଙ୍କୁ କନ୍ଥା ସିଲେଇ ତାଲିମ ପ୍ରଦାନ

ରାଉରକେଲା,୧୩/୩ (ନି/ପ୍ର): ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଂଟ, ରାଚିଂ, ଲିଡ୍ସ ସହଯୋଗରେ, ପାର୍ଶ୍ୱବର୍ତୀ ଗ୍ରାମଗୁଡ଼ିକର ଅବହେଳିତ ମହିଳାମାନଙ୍କ ପାଇଁ କନ୍ଥା ସିଲେଇ ଏବଂ କପଡ଼ା ଚିତ୍ରକଳା ଉପରେ ଏକ ତିନି ମାସିଆ ଜୀବିକା ନିର୍ବାହ ତାଲିମ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ କରିଛି। ଶ୍ରୀ ବି କେ ଜୋଜୋ, ଆରଏସପିର ସିଜିଏମ (ଟିଇ ଓ ହର୍ଟିକଲଚର), ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସିଏସଆର ବିଭାଗର, ଜିଏମ, ଶ୍ରୀ ବିଭାବାସୁ ମଲ୍ଲିକ, ଲିଡ୍ସ ର ନିର୍ଦ୍ଦେଶକ ଶ୍ରୀ ଏ କେ ସିଂହ, ଏବଂ ଆରଏସପି ଓ ଲିଡ୍ସ ଏବଂ ବ୍ଲକ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସମାପନୀ ସମାରୋହ ସମ୍ପ୍ରତି ସିଏସଆର କାର୍ଯ୍ୟାଳୟର ଇନଷ୍ଟିଚ୍ୟୁଟ୍ ଅଫ୍ ପେରିଫେରାଲ୍ ଡେଭଲପମେଂଟରେ ଅନୁଷ୍ଠିତ ହୋଇଥିଲା। ସମାବେଶକୁ ସମ୍ବୋଧିତ କରି, ଶ୍ରୀ ଜୋଜୋ ଅଂଶଗ୍ରହଣକାରୀମାନଙ୍କୁ ତାଲିମ ସଫଳତାର ସହିତ ସମାପ୍ତ କରିବା ପାଇଁ ଅଭିନନ୍ଦନ ଜଣାଇଥିଲେ ଏବଂ ସେମାନଙ୍କ ଉତ୍ସର୍ଗୀକୃତ ମନୋଭାବକୁ ପ୍ରଶଂସା କରିଥିଲେ। ସେ ମହିଳାମାନଙ୍କୁ ସଶକ୍ତ କରିବା ଏବଂ କନ୍ଥା ସିଲେଇ ଏବଂ କପଡ଼ା ଚିତ୍ରକଳା ଭଳି ଆଦିବାସୀ କଳାରୂପ ସଂରକ୍ଷଣ କରିବାରେ ଏପରି ଦକ୍ଷତା ବିକାଶ ପଦକ୍ଷେପର ପ୍ରଶଂସା କରିଥିଲେ। ଶ୍ରୀ ମଲ୍ଲିକ ତାଙ୍କ ବକ୍ତବ୍ୟରେ ପ୍ରକଳ୍ପର ସଫଳତା ଉପରେ ଆଲୋକପାତ କରିଥିଲେ ଏବଂ ଦକ୍ଷତା- ଭିତ୍ତିକ ଜୀବିକା କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାୟୀ ସମ୍ପ୍ରଦାୟ ବିକାଶ ପାଇଁ କାରଖାନା ର ପ୍ରତିବଦ୍ଧତାକୁ ଦୋହରାଇ ଥିଲେ। ସେ ଅଂଶଗ୍ରହଣକାରୀଙ୍କ ସଫଳତାର କାହାଣୀ ବର୍ଣ୍ଣନା କରି ପ୍ରକଳ୍ପର ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀତା ଦିଗରେ ଲିଡ୍ସ ଏବଂ ସ୍ଥାନୀୟ ପ୍ରଶାସନର ସମର୍ଥନକୁ ସ୍ୱୀକାର କରିଥିଲେ। ଶ୍ରୀ ଟି. ବି. ଟପ୍ପୋ, ଡିଜିଏମ୍ (ସି ଏସ ଆର) ସମାବେଶକୁ ସ୍ୱାଗତ କରିଥିଲେ ଓ ଶ୍ରୀ ଏ. କେ. ସିଂହ ଆନୁଷ୍ଠାନିକ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ମହମ୍ମଦ ଜାହିଦ ଅଖତର, ସେକ୍ସନ୍ ଆସୋସିଏଟ୍ (ସି ଏସ ଆର)। ଉଲ୍ଲେଖଯୋଗ୍ୟ ଯେ , ଏହି ପ୍ରୟାସର ଲକ୍ଷ୍ୟ ନିଯୁକ୍ତିଯୋଗ୍ୟ ଦକ୍ଷତା ବୃଦ୍ଧି କରିବା, ଆଦିବାସୀ କଳାକୁ ପ୍ରୋତ୍ସାହିତ କରିବା ଏବଂ ଅଂଚଳର ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବା। ତିନି ମାସର ପାଠ୍ୟକ୍ରମରେ ମାଷ୍ଟର ଟ୍ରେନର କାନ୍ଥ ସିଲାଇ ଏବଂ କପଡ଼ା ଚିତ୍ରକଳା ଉପରେ ଶିକ୍ଷା ପ୍ରଦାନ କରିଥିଲେ, ଯାହା ମହିଳାମାନଙ୍କୁ ରଙ୍ଗିନ ପୋଷାକ, ଗୃହ ସାଜସଜ୍ଜା ଏବଂ ଆନୁଷଙ୍ଗିକ ସାମଗ୍ରୀ ଭଳି ବଜାରଯୋଗ୍ୟ ଉତ୍ପାଦ ତିଆରି କରିବାକୁ ସକ୍ଷମ କରିଥିଲା। ବିପିଏଲ୍ ପରିବାରରୁ ମନୋନୀତ ୧୫-୪୫ ବର୍ଷ ବୟସର ପ୍ରଶିକ୍ଷାର୍ଥୀମାନେ ଏଥିରେ ଶିକ୍ଷା ଲାଭ କରିଥିଲେ ।